# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 18 ସଂଖ୍ୟା-୧୮
ଭୁବନେଶ୍ୱର, ମଙ୍ଗଳବାର ୦୭, ଜାନୁଆରୀ ୨୦୨୫
Bhubaneswar, Tuesday, 07, January 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe Satya News24


# ଭାରତରେ ଏଣ୍ଟ୍ରି ମାରିଲା ଚୀନ ଭୂତାଣୁ

**ନୂଆଦିଲ୍ଲୀ,୬।୧(ନି.ପ୍ର):** ଚାଇନା ଭାଇରସ ଏଚଏମପିଭିକୁ ନେଇ ଭାରତରେ ଚିନ୍ତା ବଢ଼ିଛି। ଦେଶର ବିଭିନ୍ନ ସ୍ଥାନରୁ ୬ ଜଣ ଏଥିରେ ଆକ୍ରାନ୍ତ ହେବା ପରେ ସାରା ଦେଶରେ ଆତଙ୍କ ଖେଳି ଯାଇଛି। କର୍ଣ୍ଣାଟକର ବେଙ୍ଗାଲୁରୁରେ ୨ଟି, ତାମିଲନାଡୁର ଚେନ୍ନାଇରେ ୨ଟି, ଗୁଜରାଟ, ପଶ୍ଚିମବଙ୍ଗରେ ଜଣେ ଲେଖାଏଁ ଏଚଏମପିଭି ଆକ୍ରାନ୍ତ ଚିହ୍ନଟ ହେବା ପରେ ଚିନ୍ତା ବଢିଯାଇଛି। କର୍ଣ୍ଣାଟକରେ ଏହି ସଂକ୍ରମଣ ଦୁଇ ମାସର ଶିଶୁକନ୍ୟା ଏବଂ ୮ ମାସର ବାଳକଠାରେ ଦେଖିବାକୁ ମିଳିଛି। ସେହିପରି ଗୁଜରାଟର ଅହମଦାବାଦରେ ଦୁଇ ମାସର ଶିଶୁକନ୍ୟାଠାରେ ଏହାର ସଂକ୍ରମଣ ହୋଇଛି। ଆକ୍ରାନ୍ତଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନାହିଁ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟ ସରକାର ଆଡଭାଇଜରି ଜାରି କରିଛନ୍ତି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କହିବା କଥା ଯେ ଏଚଏମପିଭି କୌଣସି ନୂଆ ପ୍ରକାରର ଭାଇରସ ନୁହେଁ।ତେଣୁ ଦେଶବାସୀ ବ୍ୟସ୍ତ ହୁଅନ୍ତୁ ନାହ। ଏହି ଭାଇରସ ପ୍ରଥମେ ୨୦୦୧ରେ ଚିହ୍ନଟ ହୋଇଥିଲା ସେବେଠାରୁ ଏହା ବିଶ୍ୱର ବିଭିନ୍ନ ସ୍ଥାନରେ ରହିଛି ବୋଲି ନଡ୍ଡା କହିଛନ୍ତି। ଭାଇରସକୁ ନେଇ ସୋଶାଲ ମିଡିଆରେ ବିଭିନ୍ନ ପ୍ରକାରର ଆଲୋଚନା ଚାଲିଛି ଏହାକୁ ଦେଖି ଲୋକ ଆତଙ୍କିତ ହେବାରେ ଲାଗିଛନ୍ତି। ଲୋକଙ୍କ ଆଶଙ୍କା ଦୂର କରିବା ପାଇଁ ନଡ୍ଡା ଗୋଟିଏ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ସରକାର ସକ୍ରିୟ ଭାବେ ସ୍ଥିତି ଉପରେ ନଜର ରଖିଛନ୍ତି ଓ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି।



ଶ୍ରୀ ନଡ୍ଡା କହିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି ଯେ ଏହା କୌଣସି ନୂଆ ପ୍ରକାରର ଭାଇରସ ନୁହେଁ। ଏହା ପ୍ରଥମେ ୨୦୦୧ରେ ଚିହ୍ନଟ ହୋଇଥିଲା ଓ ବିଶ୍ୱର ଅନେକ ସ୍ଥାନରେ ଏହା ସେବେଠାରୁ ରହି ଆସିଛି। ଏଚଏମପିଭି ବାୟୁ ମଣ୍ଡଳରେ ସଂକ୍ରମଣ କରିଥାଏ। ଏହା ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିପାରିବ ଏହି ଭାଇରସ ଶୀତ ଦିନେ ଅଧିକ ବ୍ୟାପିଥାଏ।

ଚାଇନାରେ ବଢୁଥିବା ଏଚଏମପିଭି ସଂକ୍ରମଣ ସମ୍ପର୍କରେ ନଡ୍ଡା କହିଛନ୍ତି ଯେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆଇସିଏମଆର ଓ ଏନସିଡିସି ଚାଇନା ଓ ଅନ୍ୟ ପଡ଼ୋଶୀ ରାଷ୍ଟ୍ରରେ ଘଟୁଥିବା ଘଟଣା ଉପରେ ନଜର ରଖିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସ୍ଥିତିକୁ ପରିଖିଛି ଓ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ଖୁବଶୀଘ୍ର ମିଳିବ।ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସର୍ଭେଲାନ୍ସ ନେଟର୍କ ପୂରା ସଜାଗ ରହିଛି।ସବୁ ପ୍ରକାରର ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ସମସ୍ତେ ପ୍ରସ୍ତୁତ ଆତଙ୍କିତ ହେବାର କୌଣସି ଆବଶ୍ୟକ ନାହିଁ।ଆମେ ସ୍ଥିତି ଉପରେ ନଜର ରଖିଛୁ।

କର୍ଣ୍ଣାଟକ ଆକ୍ରାନ୍ତଙ୍କର ଉଭୟଙ୍କର ବ୍ରୋଙ୍କୋପ୍ନୁମୋନିଆର ପାରିବାରିକ ଇତିହାସ ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ସମସ୍ତ ଆକ୍ରାନ୍ତ ଏବଂ ସେମାନଙ୍କ ପରିବାରର କେଣସି ଆନ୍ତର୍ଜାତୀୟ ଭ୍ରମଣ ଇତିହାସ (ଟ୍ରାଭେଲ୍ ହିଷ୍ଟି) ନାହିଁ। କର୍ଣ୍ଣାଟକ ମାମଲାରେ ଶିଶୁକନ୍ୟାଙ୍କୁ ଡିସଚାର୍ଜ କରାଯାଇଛି। ଶିଶୁପୁତ୍ରଟି ଏବେ ବେଙ୍ଗାଲୁରୁ ବାପିଟିଷ୍ଟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବୃହତ ବେଙ୍ଗାଲୁରୁ ମ୍ୟୁନିସିପାଲିଟି କର୍ପୋରେସନ (ବିବିଏମ୍ପି) ର ସୂତ୍ରରୁ ପ୍ରକାଶ ଯେ ଖୁବ୍ ଶୀଘ୍ର ଦ୍ୱିତୀୟ ଶିଶୁକୁ ମଧ୍ୟ ଡିସଚାର୍ଜ କରାଯାଇପାରେ ଅପରପକ୍ଷରେ ଗୁଜରାଟର ଅହମଦାବାଦ ମାମଲାରେ ଶିଶୁ ଜଣକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ତାମିଲନାଡୁର ଚେନ୍ନାଇ ସହରର ଦୁଇଟି ଭିନ୍ନ ଭିନ୍ନ ଡାକ୍ତରଖାନାରେ ଏହି ମାମଲା ସାମ୍ନାକୁ ଆସିଛି। ବର୍ତ୍ତମାନ ସୁଦ୍ଧା ଏହି ମାମଲାଗୁଡିକ ବିଷୟରେ ଅଧିକ ସୂଚନା ସାମ୍ନାକୁ ଆସିନାହିଁ ।ସେପଟେ ଏଚଏମପିଭି କୁ ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯିବ ଏବଂ ଏହାର ସଂକ୍ରମଣ ରୋକିବା ପାଇଁ କ'ଣ ସତର୍କତା ଅବଲମ୍ବନ କରାଯିବ। ସେ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ବୈଠକ କରୁଛନ୍ତି।

ଗୁଜରାଟରେ ଏକ ଦୁଇମାସର ଶିଶୁ ଏଚଏମପିଭି ପଜିଟିଭ ଚିହ୍ନଟ ହୋଇଛି । ଅହମଦାବାଦର ଚାନ୍ଦଖେଡାର ଘରୋଇ ହସ୍ପିଟାଲରେ ପିଲାଟିକୁ ଭର୍ତ୍ତି କରାଯାଇଛି । ତେବେ ଶିଶୁଟିର ଅବସ୍ଥା ସ୍ଥିର ରହିଛି । ତେବେ ଭୟ କରିବାର କୌଣସି ଆବଶ୍ୟକତା ନଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ ପିଲାର ସ୍ୱାସ୍ଥ୍ୟାବସ୍ଥା ଗତ ୧୫ଦିନରୁ ଥଣ୍ଡା-ଜ୍ୱର କାରଣରୁ ଖରାପ ଥିଲା । ସ୍ୱାସ୍ଥ୍ୟରେ ସୁଧାର ନଆସିବାର ପରିବାର ଲୋକେ ତାକୁ ଅହମଦାବାଦର ଚାନ୍ଦଖେଡା ସ୍ଥିତ ଅରେଂଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।କୋଲକାତାରେ ୬ ମାସର ଶିଶୁ ଶରୀରରେ ଚିହ୍ନଟ ହୋଇଛି ।ଗତ ନଭେମ୍ବରରେ ଚିହ୍ନଟ ପରେ ହସ୍ପିଟାଲରେ ସୁସ୍ଥ ଥିବା ସୂଚନା ମିଳିଛି।

ଦେଶ ତଥା ବିଶ୍ୱରେ ଏଭଳି ଅବସ୍ଥା ଦେଖି ମହାରାଷ୍ଟ୍ର ସରକାର ମଧ୍ୟ ସମ୍ପୂର୍ଣ୍ଣ ସତର୍କ ହୋଇଯାଇଛନ୍ତି। ଏଚଏମପିଭି ଭୂତାଣୁ ସମ୍ବନ୍ଧରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପରାମର୍ଶଦାତା ଜାରି କରାଯାଇଛି।

## ଇସ୍ତଫା ଦେଲେ କାନାଡ଼ା ପ୍ରଧାନମନ୍ତ୍ରୀ

ଓଟାୱା,୬।୧(ମହାଭାରତ): ଯାହା ଆଶା କରାଯାଉଥିଲା ତାହା ହେଲା। ଭାରତ ବିରୋଧରେ ବିଷ ଓଗାଳୁଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆଭ୍ୟନ୍ତରୀଣ ଅସନ୍ତୋଷ ଏବଂ ଲିବରାଲ ପାର୍ଟିରେ ଲୋକପ୍ରିୟତା ହରାଇବା କାରଣରୁ ଜଷ୍ଟିନ ଟ୍ରୁଡୋ ଏହି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି।



୨୦୧୫ରୁ ଜଷ୍ଟିନ ଟ୍ରୁଡୋ କାନାଡାର ପ୍ରଧାନମନ୍ତ୍ରୀ ଥିଲେ। ନୂଆ। ନେତା ନିର୍ବାଚିତ ନହେବା ପର୍ଯ୍ୟନ୍ତ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରେ ଜାରି ରହିବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଲିବରାଲ ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ନେତୃତ୍ୱ ପ୍ରସଙ୍ଗରେ ନିଷ୍ପତ୍ତି ନେବ। ଚଳିତ ସପ୍ତାହରେ ଏହି ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଲିବରାଲ ପାର୍ଟିସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପରବର୍ତ୍ତୀ ନେତା ଚୟନ ପାଇଁ ଅତି କମରେ ୩ ମାସ ସମୟ ଲାଗିବ । ଗତ କିଛି ବର୍ଷ ହେଲା କାନାଡାରେ ଟ୍ରୁଡୋଙ୍କ ଲୋକପ୍ରିୟତା କମିଚାଲିଥିଲା। ନିଜର ବିଭିନ୍ନ ପଦକ୍ଷେପ ନେଇ ସେ ନିଜ ଦେଶରେ ଓ ବାହାରେ ବିବାଦୀୟ ଥିଲେ। ଫଳରେ ଲିବରାଲ ପାର୍ଟି ପାଇଁ ସେ ଏକ ବୋଝ ସଦୃଶ ହୋଇଯାଇଥିଲେ ।କାନାଡିୟ ନାଗରିକମାନଙ୍କୁ ସମ୍ବୋଧିତ କରି ଜଷ୍ଟିନ ଟ୍ରୁଡୋ କହିଛନ୍ତି, ମୋର ସମସ୍ତ ଉଦ୍ୟମ ସତ୍ତ୍ୱେ ସଂସଦ ଅନେକ ଦିନ ଧରି ପାରାଲାଇଜ ହୋଇ ରହିଲା। କିନ୍ତୁ ମୁଁ ଜଣେ ଫାଇଟର ମୁଁ ମୋର ଦେଶ କାନାଡା ବିଷୟରେ ସର୍ବଦା ଚିନ୍ତା କରିବି ମୁଁ ମୋ ଦେଶର ଉନ୍ନତି ପାଇଁ ଲଢିବି ।ଏହି ସଂଗ୍ରାମ ଆଗକୁ ଜାରି ରହିବ। କାନାଡାର ଶାସକ ଲିବରାଲ୍ ପାର୍ଟିର ଅନେକ ନେତା ଅଭିଯୋଗ କରିଛନ୍ତି ଯେ ଜଷ୍ଟିନ ଟ୍ରୁଡୋ ଭାରତ ବିରୋଧରେ ଅଭିଯୋଗ କରି ସରକାରଙ୍କ ବିଫଳତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି କେତେକ ଅନ୍ତର୍ଜାତୀୟ ରିପୋର୍ଟ ଅନୁଯାୟୀ, ଲିବରାଲ୍ ପାର୍ଟିର ଅତି କମରେ ୨୦ ଜଣ ସାଂସଦ ପ୍ରଧାନମନ୍ତ୍ରୀ ପଦରୁ ଜଷ୍ଟିନ ଟ୍ରୁଡୋଙ୍କ ଇସ୍ତଫା ଦାବିରେ ଏକ ପିଟିସନରେ ଦସ୍ତଖତ କରିଛନ୍ତି ।

## ୫ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୬।୧(ନି.ପ୍ର): ରାଜ୍ୟରେ ୫ଟି ଶିଳ୍ପ ପ୍ରକଳ୍ପରେ ମୋଟ ୪୪ ହଜାର ୭୯୩ କୋଟି ୩ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଆଉ ୨୩୦୦୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଯାଜପୁର ଓ କଟକ ଜିଲ୍ଲାରେ ୨ଟି ଲେଖାଏଁ ଓ ଢେଙ୍କାନାଳରେ ଗୋଟିଏ ଶିଳ୍ପ ପ୍ରକଳ୍ପକୁ ମିଶାଇ ମୋଟ ୫ଟି ଶିଳ୍ପ ପ୍ରକଳ୍ପରେ ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଆଜି ୩୮ତମ ହାଇଲେଭଲ କ୍ଲିଅରାନ୍ସ ଅଥରିଟି ବୈଠକରେ ରିଫାଇନାରୀ ଓ ପେଟ୍ରୋକେମିକାଲ, ଗ୍ରୀନ୍ ଏନର୍ଜି ଉପକରଣ, ବାୟୋଟେକ୍ନୋଲୋଜି, ଷ୍ଟିଲ ଆଣ୍ଡ କେମିକାଲସ୍ କ୍ଷେତ୍ରର ଏହି ପୁଞ୍ଜିନିବେଶ ରାଜ୍ୟର ୩ଟି ଜିଲ୍ଲାରେ ଶିଳ୍ପ ପ୍ରକଳ୍ପରେ ହେବ। ଯାହା ଓଡ଼ିଶାରେ ଶିଳ୍ପ ଓ ଆର୍ଥିକ ଭିତ୍ତିଭୂମିକୁ ଗତିଶୀଳ କରାଇବ ଉତ୍କର୍ଷ ଓଡିଶା-୨୦୨୫ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜିତ ରୋଡଶୋବେଳେ ଏହି ପ୍ରସ୍ତାବ ଆସିଥିଲା ।

## ପୌରାଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ବ୍ରଜରାଜନଗର,୬।୧ : ବ୍ରଜରାଜନଗର ବିଜେଡିରେ ଗୋଷ୍ଠୀ କନ୍ଦଳ। ପୌରାଧକ୍ଷଙ୍କ ବିରୋଧରେ ନିଜ ଦଳର କାଉନ୍ସିଲ ଆଣିଲେ ଅନାସ୍ଥା। ଆଉ ତାଙ୍କୁ ସମର୍ଥନ ଦେଲେ ବିଜେପି ଓ ବିଏସ୍ପି କାଉନ୍ସିଲର। ଆଜି ସମସ୍ତ କାଉନ୍ସିଲ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଭେଟି ଅନାସ୍ଥା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରଜରାଜନଗର ପୌର ପରିଷଦରେ ୨୩ଟି ଓ୍ୱାର୍ଡ ରହିଛି। ଗତ ନିର୍ବାଚନରେ ବିଜେଡିରୁ ୨୦, ବିଜେପିରୁ ୨ ଓ ବିଏସ୍ପିରୁ ଜଣେ କାଉନସିଲର ଜିତିଥିଲେ। ଆଉ ପୌରାଧକ୍ଷା ହୋଇଥିଲେ ବିଜେଡିର ଯାଜ୍ଞସେନି ଓରାମ।

## ଜୟପୁରରେ ଓପିଏସ୍‌ସି ପରୀକ୍ଷା କେନ୍ଦ୍ର

ଭୁବନେଶ୍ୱର,୬।୧(ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାର୍ଥୀଙ୍କ ପାଇଁ ଖୁସି ଖବର। କୋରାପୁଟ ଜିଲ୍ଲାର ଜୟପୁରଠାରେ ଏଣିକି ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇପାରିବେ। ଓଡ଼ିଶା ଲୋକସେବା ଆୟୋଗଙ୍କ ପକ୍ଷରୁ ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ଏହାଫଳରେ ଏଣିକି ଆୟୋଗଙ୍କ ଦ୍ୱାରା ପରିଚାଳିତ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକର ଲିଖିତ ପରୀକ୍ଷା କେନ୍ଦ୍ର ରାଜ୍ୟର ୫ଟି ପରିବର୍ତ୍ତେ ୬ଟି ଜୋନରେ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତମାସ ୧ ତାରିଖରେ ରାଜ୍ୟର ବିଭିନ୍ନ ନିଯୁକ୍ତି ଆୟୋଗର ଅଧକ୍ଷମାନଙ୍କ ସହ ବୈଠକବେଳେ ଜୟପୁରଠାରେ ଏକ ପରୀକ୍ଷା କେନ୍ଦ୍ର ଖୋଲିବା ପାଇଁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଲୋକସେବା ଆୟୋଗଙ୍କ ଦ୍ୱାରା ଜୟପୁରଠାରେ ପରୀକ୍ଷା କେନ୍ଦ୍ର ସ୍ଥାପନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ସମ୍ବଲପୁର ସହର ବ୍ୟତୀତ ଜୟପୁର ସହରରେ ମଧ ଏଣିକି ଲିଖିତ ପରୀକ୍ଷା କେନ୍ଦ୍ର ହେବ।

## କଟକରେ ଯୁବତୀଙ୍କୁ ଛୁରା ମାଡ଼

**କଟକ,୬।୧(ନି.ପ୍ର):** ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ସମୟରେ ଚୌଧୁରୀ ବଜାର ଅଞ୍ଚଳର ଯୁବତୀ ପୁରୀ ଘାଟ ଥାନାଠାରୁ ଅଳ୍ପ ଦୂର ମାଣିକ ବଜାରରେ ଜଣେ ଯୁବତୀ ଛିଡ଼ା ହୋଇଥିଲେ। ଠିକ୍ ସେତିକି ବେଳେ ଜଣେ ଯୁବକ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

ଜନଗହଳୀ ପୂର୍ଣ୍ଣ କଟକ ସହରର ମାଣିକ ବଜାରରେ ଏଭଳି ଜଘନ୍ୟ ଘଟଣା ଘଟିଛି । ଯୁବତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏସସିବିରେ ଭର୍ତ୍ତି କରାଯାଇଛି। ଚୌଧୁରୀ ବଜାର ଅଞ୍ଚଳର ଯୁବତୀ ପୁରୀ ଘାଟ ଥାନାଠାରୁ ଅଳ୍ପ ଦୂର ମାଣିକ ବଜାରରେ ଛିଡ଼ା ହୋଇଥିଲେ। ଠିକ୍ ସେତିକି ବେଳେ ଜଣେ ଯୁବକ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ବେକ ଓ ଦେହକୁ ବାରମ୍ବାର ଭୁଷି ଥିଲେ। ସେହି ରାସ୍ତାରେ ଯାଉଥିବା ଲୋକମାନେ ପ୍ରଥମେ କିଛି ବୁଝି ପାରିନଥିଲେ। ତେବେ ଯୁବତୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସେଠାକୁ ଧାଇଁ ଆସିଥିଲେ। ଲୋକଙ୍କ ଗହଳି ଦେଖି ଯୁବକ ଜଣକ ଚମ୍ପଟ ମାରିଥିଲା। ରକ୍ତ ଜୁଡୁବୁଡୁ ହୋଇଥିବା ଯୁବତୀଙ୍କୁ ସ୍ଥାନୀୟ ଲୋକେ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏବେ ମଧ୍ୟ ଯୁବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦବେଗଜନକ ରହିଛି। ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ମେଡିକାଲରେ ପହଞ୍ଚି ଯୁବତୀଙ୍କ ବୟାନ୍ ରେକର୍ଡ କରିଛି। ଯୁବତୀଙ୍କ ତଥ୍ୟ ଆଧାରରେ ପୁଲିସ୍ ଅଭିଯୁକ୍ତ ଯୁବକଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

## ମହାପ୍ରଭୁଙ୍କୁ ରୂପା ଶଙ୍ଖ ଦାନ

**ପୁରୀ,୬।୧(ନି.ପ୍ର) :** ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ରୂପା ଶଙ୍ଖ ଦାନ କରିଛନ୍ତି ଜଣେ ଭକ୍ତ। ପ୍ରାୟ ୧ କେଜି ୬୧୯ ଗ୍ରାମର ଓଜନର ରୂପାରେ ନିର୍ମିତ ଅଢେଇ ଲକ୍ଷ ଟଙ୍କାର ଶଙ୍ଖକୁ ସମ୍ବଲପୁରରୁ ଆଣିଛନ୍ତି ଭକ୍ତ। ଭକ୍ତ ନଳିନୀ ପ୍ରଭା ଦାସଙ୍କ ପରିବାର ଆଜି ପୁରୀ ଆସିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନକୁ ଶଙ୍ଖ ଦାନ କରିଛନ୍ତି। ଶ୍ରୀମନ୍ଦିର ଦଇତାପତି ସେବାୟତଙ୍କ ପରାମର୍ଶ ଅନୁସାରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ସେ ଏହି ଶଙ୍ଖଟି ହସ୍ତାନ୍ତର କରିଥିଲେ। ନଳିନୀଙ୍କର ମହାପ୍ରଭୁଙ୍କୁ ରୂପାରେ ନିର୍ମିତ ଶଙ୍ଖ ଦେବାର ମାନସିକ ରଖିଥିବା ହେତୁ କଟକରେ କୁଶଳୀ କାରିଗରଙ୍କ ଦ୍ୱାରା ଅତି ନିଖୁଣ କାରୁକାର୍ଯ୍ୟରେ ଏହି ଶଙ୍ଖ ସେ ପ୍ରସ୍ତୁତ କରିଥିଲେ।ତେବେ ଆଜି ସପରିବାର ଆସି ସେହି ଶଙ୍ଖ ଦାନ କରିଥିବା ବେଳେ ମହାପ୍ରଭୁଙ୍କ ସୁବର୍ଣ୍ଣ ବେଶରେ ଏହି ଶଙ୍ଖକୁ ଧାରଣ କରିବା ନେଇ ମନସ୍କାମନା କରିଛନ୍ତି। ଶଙ୍ଖ ଦାନ ପରେ ସେ ବେଶ ଖୁସି ଥିବା ବେଳେ ମହାପ୍ରଭୁ କେବଳ ଗୋଟିଏ ଥର ସେହି ଶଙ୍ଖକୁ ଧାରଣ କରିଦେଲେ ତାଙ୍କର ଆତ୍ମା ତୃପ୍ତି ହେଇଯିବ ବୋଲି ମତ ରଖିଛନ୍ତି।

## ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଶିଳାନ୍ୟାସ

ଭୁବନେଶ୍ୱର,୬।୧(ମହାଭାରତ): ସଂଯୋଗୀକରଣ ବୃଦ୍ଧି ତଥା ସାମାଜିକ ଓ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକାଧିକ ପ୍ରମୁଖ ରେଳ ପ୍ରକଳ୍ପର ଶୁଭାରମ୍ଭ କରିଥିବାବେଳେ କେତେକର ଶିଳାନ୍ୟାସ କରିଛନ୍ତି ।ଏହି ପଦକ୍ଷେପଗୁଡ଼ିକ ବିଭିନ୍ନ ଅଞ୍ଚଳରେ ବିଶେଷ ଭାବେ ଓଡିଶା, ଜାମ୍ମୁ କାଶ୍ମୀର ଏବଂ ତେଲେଙ୍ଗାନାରେ ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି।



ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ଭିତ୍ତିପ୍ରସ୍ତର ସ୍ଥାପନ - ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପୂର୍ବତଟ ରେଳପଥର ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଶିଳାନ୍ୟାସ କରିଛନ୍ତି।

ଏହି ପ୍ରକଳ୍ପର ନିର୍ମାଣ ପାଇଁ ଆନୁମାନିକ "୧୦୭ କୋଟି ଟଙ୍କା ମଞ୍ଜୁର କରାଯାଇଅଛି ଯାହା ଓଡିଶା, ଆନ୍ଧ୍ରପ୍ରଦେଶ ଏବଂ ଜମ୍ମୁକାଶ୍ମୀର ସହ ଏହାର ଆଖପାଖ ଅଞ୍ଚଳରେ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି ଏହି ନିର୍ମାଣ କାର୍ଯ୍ୟ ନୂତନ ରେଳମଣ୍ଡଳ କାର୍ଯ୍ୟାଳୟ ଭବନ ସହ ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ, ଅଧିକାରୀ ଏବଂ କର୍ମଚାରୀଙ୍କ ରହିବା ପାଇଁ ଆଧୁନିକ ଆବାସ ସୁବିଧା ଯୋଗାଇବ।

ରାୟଗଡା ରେଳ ମଣ୍ଡଳ କାର୍ଯ୍ୟାଳୟ ଭବନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଏକ ଉଲ୍ଲେଖନୀୟ ଘଟଣା ଥିଲା ଯେଉଁଥିରେ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ରହି ଏହାର ଶିଳାନ୍ୟାସ କରିଥିଲେ। ରାୟଗଡାରେ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ; ଭାରତ ସରକାରଙ୍କ ରେଳବାଇ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ଏବଂ ଏହି ଅଞ୍ଚଳର ବହୁ ବିଶିଷ୍ଟ ସାଂସଦ ମାନଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଯୋଗଦେଇଥିଲେ ।ରାୟଗଡା ରେଳ ମଣ୍ଡଳ ମୁଖ୍ୟାଳୟ: ରେଳ ଚଳାଚଳର ତଦାରଖ ପାଇଁ ବିଭାଗୀୟ କାର୍ଯ୍ୟାଳୟ ରାୟଗଡାରେ ଅବସ୍ଥିତ। ଏକ ଆଧୁନିକ ମଣ୍ଡଳ ରେଳବାଇ କାର୍ଯ୍ୟାଳୟ ଭବନ ପ୍ରାୟ ୧୨,୦୦୦ ବର୍ଗମିଟର କ୍ଷେତ୍ରରେ ନିର୍ମାଣ ହେବ ଯାହାକି ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ଦୁଇଟି ଫ୍ଲୋର ଉପଲବ୍ଧ ରହିବ। ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ: ଦୈନନ୍ଦିନ ରେଳ କାର୍ଯ୍ୟ ପରିଚାଳନା ଏବଂ ତଦାରଖ କରିବା। ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଆବାସ: ମଣ୍ଡଳର କର୍ମଚାରୀଙ୍କ ପାଇଁ ଆବାସ ସୁବିଧା ।ଉନ୍ନତ ପରିବହନ ସଂଯୋଗ : ସୁଗମ ସଂଯୋଗକୁ ସୁନିଶ୍ଚିତ କରିବା ପାଇଁ ଯୋଗାଯୋଗ କ୍ଷେତ୍ରରେ ବିକାଶ। ରାୟଗଡା ରେଳ ମଣ୍ଡଳର କାର୍ଯ୍ୟାଳୟ ଭବନ ପ୍ରତିଷ୍ଠା ଦକ୍ଷିଣ ଓଡିଶାର ଆଦିବାସୀ ବହୁଳ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି, ସ୍ଥାନୀୟ ଶିଳ୍ପ ସହିତ ଯୋଗାଯୋଗ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏହି ପ୍ରକଳ୍ପଟି ସ୍ଥାନୀୟ ଅଞ୍ଚଳର ବିକାଶକୁ ସକରାତ୍ମକ ଭାବରେ ପ୍ରଭାବିତ କରିବ ଏବଂ ସ୍ଥାନୀୟ ଜନସମୁଦାୟର ଉନ୍ନତ କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର କମ୍ଭମପତି ହରି ବାବୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦାନ କରିଥିବାବେଳେ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ରାୟଗଡା ରେଳ ମଣ୍ଡଳର କାର୍ଯ୍ୟାଳୟ ଭବନ ଶିଳାନ୍ୟାସ, ଜାମ୍ମୁ ରେଳ ମଣ୍ଡଳ ଏବଂ ଚର୍ଲାପଲ୍ଲୀ ଟର୍ମିନାଲ ଷ୍ଟେସନର ଉଦଘାଟନକୁ ତଦାରଖ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ। ଏହି ରେଳ ପ୍ରକଳ୍ପଗୁଡିକ ଆଞ୍ଚଳିକ ଅର୍ଥନୈତିକ ବିକାଶ, ପର୍ଯ୍ୟଟନ ଏବଂ ଭିତ୍ତିଭୂମି ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ୧୦ କୋଟିର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୬।୧ (ନି.ପ୍ର) :** ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ସାଢେ ୯ କିଲୋଗ୍ରାମ ଓଜନର ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚାଲାଣ କରୁଥିବା ୨ ଭାରତୀୟ ମହିଳାଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ କୋଟି ଟଙ୍କା ହେବା ଅନୁମାନ କରାଯାଉଛି। ଭୁବନେଶ୍ୱର କଷ୍ଟମ୍ସ କମିସନରେଟ ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୪ ତାରିଖ ଶନିବାରଦିନ କ୍ୱାଲାଲୁମ୍ପୁରରୁ ଫେରୁଥିବା କଷ୍ଟମ୍ସ ଅଧିକାରୀମାନଙ୍କ ଦ୍ୱାରା ୨ ଜଣ ଭାରତୀୟ ମହିଳାଙ୍କ ବ୍ୟାଗେଜ୍ ଯାଞ୍ଚ ବେଳେ ୧୯ଟି ପ୍ୟାକେଟ୍ ଜବତ କରାଯାଇଥିଲା। ଉକ୍ତ ପ୍ୟାକେଟ ଗୁଡ଼ିକରୁ ମିଳିଥିବା ସାମଗ୍ରୀର ପରୀକ୍ଷାରୁ ତାହା ହାଇଡ୍ରୋପୋନିକ୍ ଗଞ୍ଜେଇ ବୋଲି ଜଣାପଡ଼ିଥିଲା। ସେମାନଙ୍କଠାରୁ ମୋଟ ୯.୫୨୪ କିଲୋଗ୍ରାମ ହାଇଡ୍ରୋପୋନିକ ଗଞ୍ଜେଇ ଜବତ ହୋଇଛି। ଉଭୟ ମହିଳାଙ୍କୁ ଏନଡିପିଏସ ଆଇନ ୧୯୮୫ ଅନୁସାରେ ଗିରଫ କରିବା ପରେ ରିମାଣ୍ଡ ପାଇଁ ମାଜିଷ୍ଟ୍ରେଟଙ୍କ ସାମନାରେ ହାଜିର କରାଯାଇଛି। ହାଇଡ୍ରୋପୋନିକ୍ ଗଞ୍ଜେଇ ସେହି ଗଞ୍ଜେଇ ଗଛକୁ ବୁଝାଏ ଯାହା ବିନା ମାଟିରେ କେବଳ ଜଳ-ଭିତ୍ତିକ ପୋଷକ ଦ୍ରବଣ ବ୍ୟବହାର କରି ଚାଷ କରାଯାଏ। ଏହି ପଦ୍ଧତିରେ ଗଛର ଚେରକୁ ସିଧାସଳଖ ପୋଷକ ତତ୍ତ୍ୱ ଯୁକ୍ତ ପାଣିରେ ରଖାଯାଏ, ଯାହା ଦ୍ୱାରା ଗଞ୍ଜେଇ ଗଛ ଶୀଘ୍ର ବଢିଥାଏ ଓ ଅଧିକ ଅମଳ ଦେଇଥାଏ। ଏକ ନିୟନ୍ତ୍ରିତ ପରିବେଶରେ ଏହି ଚାଷ କରାଯାଏ।

## ଛତିଶଗଡ଼ରେ ଯବାନଙ୍କ ଗାଡ଼ି ଉଡ଼ାଇଲେ ନକ୍ସଲ : ୯ ସହିଦ



ବିଜାପୁର,୬।୧(ନି.ପ୍ର): ଛତିଶଗଡ଼ର ବିଜାପୁରରେ ଭୟଙ୍କର ବିସ୍ଫୋରଣ କରିଛନ୍ତି ନକ୍ସଲ। ଅପରେସନରୁ ଫେରୁଥିବା ସୁରକ୍ଷାକର୍ମୀଙ୍କ ସ୍କର୍ପିଓକୁ ସେମାନେ ଆଇଇଡି ବିସ୍ଫୋରଣ ଦ୍ୱାରା ଉଡ଼ାଇ ଦେଇଛନ୍ତି। ଏଥିରେ ୮ ଜଣ ଯବାନ ସହିଦ ହୋଇଥିବା ବେଳେ ଗାଡ଼ି ଡ୍ରାଇଭର ବି ପ୍ରାଣ ହରାଇଛନ୍ତିଫ ଗାଡ଼ିଟି ମଧ୍ୟ ପୂରା ଛିନଛତ୍ର ହୋଇଯାଇଛି।

ବସ୍ତର ଆଇଜିଙ୍କ ସୂଚନା ଅନୁସାରେ, ଡିଆରଜି ଯବାନମାନେ ଗୋଟିଏ ସ୍ୱତନ୍ତ୍ର ଅପରେସନରେ ଯାଇଥିଲେ। ଦାନ୍ତେୱାଡା, ନରାୟଣପୁର ଓ ବିଜାପୁରରେ ଅପରେସନ ସାରି କ୍ୟାମ୍ପକୁ ଫେରୁଥିଲେ। ତେବେ କୁଟରୁ ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଆମ୍ବେଲି ଗାଁ ନିକଟରେ ଅଘଟଣ ଘଟିଛି ।ଅପରାହ୍ଣ ପ୍ରାୟ ୨.୧୫ ମିନିଟରେ ଯବାନମାନଙ୍କ ଗାଡ଼ିକୁ ଟାର୍ଗେଟ କରି ମାଓବାଦୀମାନେ ଭୟଙ୍କର ଆଇଇଡି ବିସ୍ଫୋରଣ କରିଛନ୍ତି। ଫଳରେ ଗାଡ଼ିରେ ଥିବା ସମସ୍ତ ୮ ଯବାନ ଓ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଏହାପୂର୍ବରୁ ଅବୁଜହମାଦ ରିଜନରେ ସୁରକ୍ଷାକର୍ମୀମାନେ କରିଥିବା ଅପରେସନରେ ୫ ଜଣ ନକ୍ସଲ ନିହତ ହୋଇଥିଲେ। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା କ୍ୟାଡର ରହିଥିଲେ। ଏହି ଘଟଣା ପରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଛନ୍ତି।

## ଦରବୃଦ୍ଧି ବିରୁଦ୍ଧରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର,୬।୧(ନି.ପ୍ର) :** ଦରବୃଦ୍ଧି ବିରୁଦ୍ଧରେ ବିଜୁ ଜନତା ଦଳର ଡାକରାରେ ଆଜି ଲୋକସେବା ଭବନ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ, ଲୋକଙ୍କ ସରକାର ବୋଲି ଦାବି କରୁଥିବା ପ୍ରକୃତରେ ଲୋକଙ୍କ ଦୁଃଖ ବୁଝିବାରେ ଅସମର୍ଥ ହୋଇଛି। ଦୀର୍ଘ ୭ ମାସ ହେଲା କେବଳ ଲୋକଙ୍କୁ ଆଇମା ଗପ ଶୁଣାଇ କୌଣସି କାର୍ଯ୍ୟକ୍ରମ ହାତକୁ ନ ନେବା ଦ୍ୱାରା ରାଜ୍ୟରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଆକାଶ ଛୁଆଁ ହୋଇଛି। ମାର୍କେଟ ଉପରେ



ସରକାରଙ୍କ କୌଣସି ନିୟନ୍ତ୍ରଣ ନାହିଁ, ଯାହା ଫଳରେ ତେଲ ଲୁଣ ଠାରୁ ଆରମ୍ଭ କରି ପ୍ରତ୍ୟେକ ଜିନିଷର ଦର ହୁ ହୁଁ ହୋଇ ବଢ଼ି ଚାଲିଛି। ଏପରିକି ଅଦିନିଆ ବର୍ଷାରେ ଚାଷ ବାସ ହରାଇଥିବା ଚାଷୀ ଆଖିରୁ ଲୁହ ପୋଛିବା ପାଇଁ ଏ ସରକାରଙ୍କ ପାଖରେ ସମୟ ନାହିଁ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଅଦିନିଆ ବର୍ଷାଯୋଗୁଁ ଉଜୁଡା ଫସଲ ଦେଖି ପ୍ରତି ଦିନ ଚାଷୀ ମାନେ ଆତ୍ମହତ୍ୟା କରୁଥିବା ଭଳି ଘଟଣା ଲୋକଲୋଚନକୁ ଆସୁଥିଲେ ମଧ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ମିଛ କଥା କହି ମିଛ ପ୍ରତିଶ୍ରୁତି ଦେଇ ବିଜେଡି ଠାରୁ ବିଜେପି ସରକାର କମ ଭୋଟ ପାଇ କ୍ଷମତାକୁ ଆସିଛନ୍ତି। ଗୋଟିଏ ପଟେ ଦରବୃଦ୍ଧି ପରବର୍ତ୍ତିଅବସ୍ଥାରେ ଉଜୁଡ଼ା ଫସଲ ହରାଇ ଚାଷୀ ଡହଳ ବିକଳ ହେଉଥିବା ବେଳେ ସରକାର କେବଳ ଲମ୍ବା ଭାଷଣ ଦେଇ ବାଃ ବାଃ ନେବାକୁ ଉଦ୍ୟମ କରୁଛନ୍ତି। ବିଜେପି ଓଡ଼ିଶାବାସୀଙ୍କୁ ଗୋଲାପି ଚନ୍ଦ୍ର ଦେଖାଇ ଭୋଟରେ ଜିତିଲା ପରେ ଏମାନଙ୍କର ପ୍ରକୃତ ରୁପ ଲୋକେ ଜାଣି ସାରିଲେଣି। ଏଭଳି ପରିସ୍ଥିତିରେ ବିଜେଡି ନିରବଦ୍ରଷ୍ଟା ହୋଇ ପାରିବ ନାହିଁ ଏବଂ ଲୋକଙ୍କ ସାଙ୍ଗରେ ରହିବ ବୋଲି ସେ କହିଥିଲେ।

# ଆମେରିକାରେ -୧୮ ଡିଗ୍ରିକୁ ଖସିଲା ତାପମାତ୍ରା

**ୱାଶିଂଟନ,୫।୧(ନି.ପ୍ର.):** ତୁଷାର ଝଡ଼ ଆମେରିକାରେ ପ୍ରବେଶ କରିଛି । ଏହାର ପ୍ରଭାବରେ ଅନେକ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ତାପମାତ୍ରା ମାଇନସ୍‌କୁ ଖସିଯାଇଛି । ପାଣିପାଗ ବିଭାଗ ଅନୁଯାୟୀ, ଚଳିତ ଥର ତୁଷାର ଝଡ ଦଶନ୍ଧି ପୁରୁଣା ରେକର୍ଡ ଭାଙ୍ଗି ଦେଇପାରେ । ଲୋକଙ୍କୁ ଘରେ ରହିବାକୁ ପାଣିପାଗ ବିଭାଗ ନିବେଦନ କରିଛି । ଅନେକ ରାଜ୍ୟ ମଧ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ହାଡ-ଭଙ୍ଗା ଥଣ୍ଡା ଯୋଗୁ ଏୟାର ଟ୍ରାଫିକ୍ ଏବଂ ସଡକ ଯାତାୟାତ ପ୍ରଭାବିତ ହୋଇଛି । ତୁଷାର ଝଡ଼ର ଦେଶର ସମସ୍ତଙ୍କୁ ଆତଙ୍କିତ କରିଛି । ପାଣିପାଗ ବିଭାଗ ଅନୁଯାୟୀ, ତୁଷରେ ଝଡ଼ ଯୋଗୁ ଅନେକ ଅଞ୍ଚଳରେ ତାପମାତ୍ରା ମାଇନସ୍ ୧୮ ଡିଗ୍ରି ପର୍ଯ୍ୟନ୍ତ ଖସି ଯାଇପାରେ । ପାଣିପାଗ ବିଭାଗ ଦ୍ୱାରା ଲୋକଙ୍କୁ ଚେତାବନୀ ଦିଆଯାଇଛି । ପାଣିପାଗ ବିଭାଗ ଯେ, ଆବଶ୍ୟକ ଥିଲେ ଲୋକେ ସେମାନଙ୍କ ଘରୁ ବାହାରକୁ ଆସିବା ଉଚିତ୍ । ଏଭଳି କଠିନ ସମୟରେ, ନିଜ ଘରର ଚାରି କାନ୍ଥରେ ନିଜକୁ ସୁରକ୍ଷିତ ରଖିବା ଭଲ । କାରଣ ବାହାରକୁ ଯିବାରେ ବିପଦ ଆଶଙ୍କା ରହିଛି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ତୁଷାର ଝଡ଼ ଯୋଗୁ ଆମେରିକାରେ ୬୩ ମିଲିୟନ ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଅନେକ ସ୍ଥାନରେ ତୁଷାର ଝଡ଼ ପୂର୍ବରୁ ବିଦ୍ୟୁତ କାଟ ହୋଇଯିବ । ଫଳରେ କେଣସି ବଡ଼ ଅଘଟଣ ଘଟିବାର ଆଶଙ୍କା କମ୍ ରହିବ । ଏହା ସହିତ ପାଣିପାଗ ବିଭାଗ କହିଛି ଯେ, ଏହି ଝଡ଼ ଯୋଗୁ ଗତ ୧୦ ବର୍ଷ ମଧ୍ୟରେ ସର୍ବାଧିକ ତୁଷାରପାତ ହେବାର ସମ୍ଭାବନା ରହିଛି । ଏହି ତୁଷାର ଝଡ଼ରେ ସୃଷ୍ଟି ହୋଇଥିବା ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ବହୁଳଭାବେ ଶୀତବସ୍ତ୍ର ସପିଂ କରୁଛନ୍ତି । ଏହା ସହିତ ସେମାନେ ସେମାନଙ୍କର ପୋଷାପଶୁମାନଙ୍କୁ ବଞ୍ଚାଇବା ପାଇଁ ମଧ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଆମେରିକାରେ ତୁଷାର ଝଡ଼ ଯୋଗୁ ହେଉଥିବା କ୍ରମାଗତ ତୁଷାରପାତ ଦ୍ୱାରା ଅନେକ ରାସ୍ତା ବନ୍ଦ ହୋଇଯାଇଛି । ଅନେକ ବିମାନବନ୍ଦରରେ ବରଫର ଘନ ଚଦର ଘୋଡ଼େଇ ହୋଇ ରହିଛି । ଏହାକୁ ହଟାଇବାରେ ସରକାରୀ କର୍ମଚାରୀଙ୍କ ଦଳ ନିୟୋଜିତ ଅଛନ୍ତି । ରାସ୍ତା ସଫା କରୁଥିବା ଦଳ ପକ୍ଷରୁ କୁହାଯାଇଛି ଯେ, ଅଧିକ ତୁଷାରପାତ ହେଉଛି, ଯେଉଁଥିପାଇଁ ରାସ୍ତା ସଫା କରିବାର କିଛି ସମୟ ପରେ ରାସ୍ତାରେ ପୁଣି ଏକ ମୋଟାସ୍ତରର ବରଫ ଜମା ହୋଇଯାଉଛି । ଆମେରିକାର କେତେକ ରାଜ୍ୟରେ ପ୍ରାୟ ୧୦ ଇଞ୍ଚ ତୁଷାରପାତ ହୋଇଥିଲା । କାନସାସ୍ ଏବଂ ଉତ୍ତର ମିସେରୀର କିଛି ଅଂଶରେ ୧୪ ଇଞ୍ଚରୁ ଅଧିକ ବରଫ ଏବଂ କୁଆପଥର ବର୍ଷା ହୋଇଛି ।



# ପ୍ରଶାନ୍ତ କିଶୋରଙ୍କୁ ବିନା ସର୍ତ୍ତରେ ଜାମିନ୍

**ପାଟନା,୫।୧(ନି.ପ୍ର.):** ଜନ ସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋରଙ୍କୁ ବିନା ସର୍ତ୍ତରେ ଜାମିନ ଦେଇଛନ୍ତି କୋର୍ଟ । ଏହା ପୂର୍ବରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ଜେଲରୁ ମୁକୁଳିବା ପରେ ପ୍ରଶନ୍ତ କିଶୋର (ପିକେ) ସାମ୍ବାଦିକ ସମ୍ମିଳନୀ କରିବେ ବୋଲି ଜଣାପଡ଼ିଛି । ପାଟନାର ଗାନ୍ଧୀ ମେଦାନରୁ ତାଙ୍କୁ ପୋଲିସ ଗିରଫ କରିଥିଲା । ବିପିଏସସି ପରୀକ୍ଷା ରଦ୍ଦ କରିବା ଦାବିରେ ସେ ଧାରଣା ଦେଇଥିଲେ । ଜେଲ୍ ଯିବା ପରେ ତାଙ୍କୁ କୋର୍ଟ ସସର୍ତ୍ତ ଜାମିନ ଦେବାକୁ କୋର୍ଟ କହିଥିଲେ । କିନ୍ତୁ ସେ ବେଲ୍ ନେବାକୁ ମନା କରିବା ସହ ଜେଲରେ ଆମରଣ ଅନଶନ କରିବେ ଚେତାବନୀ ଦେଇଥିଲେ। କିନ୍ତୁ ଏବେ ତାଙ୍କୁ କୋର୍ଟ ବିନା ସର୍ତ୍ତରେ ଜାମିନ୍ ଦେଇଛନ୍ତି । ଏହା ପୂର୍ବରୁ ଜାମିନ କାଳୀନ ବଣ୍ଡ ଦେବାକୁ ମନା କରିଦେଇଥିଲେ ପିକେ। ବିପିଏସ୍ସି ପରୀକ୍ଷା ରଦ୍ଦ କରିବା ଦାବିରେ ଜେଲରେ ଆମରଣ ଅନଶନ କରିବାକୁ ଜିଦ ଧରି ବସିଥିଲେ । ପାଟନା ପୋଲିସ ଦ୍ୱାରା ଗିରଫ ହେବା ପରେ ପରେ ତାଙ୍କୁ ଏକ କୋର୍ଟ ଜାମିନ ଦେଇଥିଲେ । ପ୍ରଶାନ୍ତ କିଶୋରଙ୍କ ସମର୍ଥକଙ୍କ ତୀବ୍ର ଆନ୍ଦୋଳନ ପରେ ତାଙ୍କୁ ଜାମିନ ମିଳିଥିଲା କିନ୍ତୁ ସେ ଜେଲରେ ରହି ଆମରଣ ଅନଶନ କରିବାକୁ ଦାବି କରିଥିଲେ। ପାଟନାର ଗାନ୍ଧୀ ମେଦାନରେ ଗାନ୍ଧୀଙ୍କ ମୂର୍ତ୍ତୀ ତଳେ ଆନ୍ଦୋଳନ କରୁଥିଲେ ପ୍ରଶାନ୍ତ କିଶୋର । ବିହାର ପ୍ରଶାସନିକ ସେବା ପରୀକ୍ଷା ଆଶାୟୀଙ୍କ ସମର୍ଥନରେ ସେ ଆନ୍ଦୋଳନ କରୁଥିବା ବେଳେ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା । ଯୁବବର୍ଗଙ୍କ ପାଇଁ ହୋଇଥିବା ଅନ୍ୟାୟ ବିରୋଧରେ ଲଢ଼ିବା ଯଦି ଅପରାଧ ତେବେ ଜେଲ୍ ଯିବାକୁ ସେ ପସନ୍ଦ କରିବେ ବୋଲି କହିବା ସହ ଜେଲରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ ପ୍ରଶାନ୍ତ କୁମାର ।




# ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲମୁକ୍ତ ହେବ ଭାରତ

**ନୂଆଦିଲ୍ଲୀ,୫।୧(ନି.ପ୍ର.):** ଛତିଶଗଡ଼ରେ ନକ୍ସଲ ଆକ୍ରମଣରେ ୮ ଡିଆରଜି ଯବାନଙ୍କ ସମେତ ଜଣେ ଡ୍ରାଇଭରଙ୍କ ମୃତ୍ୟୁକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କଡ଼ା ମନ୍ତବ୍ୟ ଦେଇଛନ୍ତି । ଏକ୍ସରେ ପୋଷ୍ଟ କରି ଶାହ ଲେଖିଛନ୍ତି, ମାର୍ଚ୍ଚ ୨୦୨୬ ସୁଦ୍ଧା ଭାରତକୁ ନକ୍ସଲମୁକ୍ତ କରିବେ କେନ୍ଦ୍ର ସରକାର । ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ । ବିଜାପୁରରେ ଆଇଇଡି ବିସ୍ଫୋରରରେ ଡିଆରଜି ଯବାନଙ୍କ ସହିଦ ଖବର ଶୁଣି ମର୍ମାହତ ଏବଂ ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି ବୋଲି ଏକ୍ସ ପୋଷ୍ଟରେ ଲେଖିଛନ୍ତି ଅମିତ ଶାହ । ସେପଟେ ମାର୍ଚ୍ଚ ୨୦୨୬ ସୁଦ୍ଧା କେନ୍ଦ୍ର ସରକାର ଦେଶକୁ ନକ୍ସଲମୁକ୍ତ କରିବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ । ଆଜି (ସୋମବାର) ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ଦ୍ୱାରା ଆଇଇଡି ବିସ୍ଫୋରଣରେ ୮ ଡିଆରଜି ଯବାନ ସହିଦ ହୋଇଛନ୍ତି । ଏହା ସହ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଗତ ଦୁଇ ବର୍ଷ ମଧ୍ୟରେ ନକ୍ସଲଙ୍କ ଦ୍ୱାରା ହୋଇଥିବା ଏହା ସବୁଠାରୁ ବଡ଼ ଆକ୍ରମଣ ଏବଂ ୨୦୨୫ରେ ପ୍ରଥମ । ମିଳିଥିବା ସୂଚନା ଅନୁସାରେ, ଯବାନ ସ୍ୱର୍ପିଓରେ ଅପରେସନ ସାରି ଫେରୁଥିବା ବେଳେ ଆମ୍ବେଲି ଗାଁ ନିକଟରେ ଥିବା କୁଟ୍ରୁ ଥାନା ଅଞ୍ଚଳରେ ଆଇଇଡି ବିସ୍ଫୋରଣ ହୋଇଥିଲା । ଗାଡ଼ିରେ ଥିବା ସମସ୍ତ ଯବାନଙ୍କ ସମେତ ଡ୍ରାଇଭରଙ୍କ ଜୀବନ ଯାଇଛି । ଏନେଇ ବସ୍ତରର ଆଇଜିପି ସୁନ୍ଦରରାଜ ପି. କହିଛନ୍ତି ।

ଡିଆରଜି ରାଜ୍ୟ ପୋଲିସର ଏକ ଶାଖା ହୋଇଥିବା ବେଳେ ଏଥିରେ ଅନୁସୂଚିତ ଜନଜାତିଙ୍କୁ ପ୍ରାଧାନ୍ୟ ଦିଆଯାଏ । ଏପରିକି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ମଧ ଏହି ଡିଆରଜିରେ ସାମିଲ ହୋଇଥାନ୍ତି । ଏହା ପୂର୍ବରୁ ଶନିବାର ସନ୍ଧ୍ୟାରେ ଛତିଶଗଡର ବସ୍ତରରେ ସୁରକ୍ଷା ବାହିନୀଙ୍କ ଏନକାଉଣ୍ଟରରେ ୫ ନକ୍ସଲ ନିହତ ହୋଇଥିଲେ । ଶନିବାର (ଜାନୁଆରୀ ୪)ସନ୍ଧ୍ୟା ନାରାୟଣପୁର ଏବଂ ଦନ୍ତେୱାଡା ଜିଲ୍ଲାର ସୀମାରେ ଥିବା ଦକ୍ଷିଣ ଆବୁଜମାଦର ଏକ ଜଙ୍ଗଲରେ ଏହି ଗୁଳି ବିନିମୟ ହୋଇଥିଲା। ସୁରକ୍ଷା କର୍ମୀମାନେ ନକ୍ସଲ ସଫେଇ ପାଇଁ ମିଳିତ ଅପରେସନ କରିଥିଲେ । ଏହାର ଦିନକ ପରେ ନକ୍ସଲମାନେ ଏଭଳି କାଣ୍ଡ ଘଟାଇଛନ୍ତି ।



# ଏଚଏମପିଭି ଏକ ନୂଆ ଭୂତାଣୁ ନୁହେଁ

**ନୂଆଦିଲ୍ଲୀ,୫।୧(ନି.ପ୍ର.):** ଚୀନରେ ବ୍ୟାପୁଥିବା ହ୍ୟୁମାନ ମେଟାପ୍ନ୍ୟୁମୋଭାଇରସ୍ (ଏଚଏମପିଭି) ଭୂତାଣୁକୁ ନେଇ ଭାରତ ସରକାର ସତର୍କ ହୋଇପଡ଼ିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସୋମବାର କହିଛନ୍ତି ଯେ ଏହା କୌଣସି ନୂଆ ଭୂତାଣୁ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି । ୨୦୦୧ମସିହାରେ ଏହା ପ୍ରଥମେ ଚିହ୍ନଟ ହୋଇଥିଲା । ଆମେ ଏହି ପ୍ରସଙ୍ଗରେ ବୈଠକ କରି ଆଲୋଚନା କରିଛୁ । ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଚିନ୍ତା କରିବାର କିଛି ନାହିଁ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭୂତାଣୁ ସାଧାରଣତଃ ଶୀତ ଋତୁରେ ଲୋକଙ୍କୁ ସଂକ୍ରମିତ କରିଥାଏ । ଚୀନରେ ଏଚଏମପିଭିର ବଢ଼ୁଥିବା ମାମଲା ବିଷୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆଇସିଏମଆର ଏବଂ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ଏହା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଡବ୍ଲ୍ୟୁଏଚଓ ପରିସ୍ଥିତିକୁ ଅନୁଧ୍ୟାନ କରିଛି ଏବଂ ଖୁବ୍ ଶୀଘ୍ର ଆମକୁ ଏହାର ରିପୋର୍ଟ ପ୍ରଦାନ କରିବ । ଏହାପରେ ଏହି ରିପୋର୍ଟକୁ ସାଧାରଣରେ ଜାରି କରାଯିବ । ସୂଚନାଯୋଗ୍ୟ ଯେ ଆଜି ଭାରତରେ ଏଚଏମପିଭି ସଂକ୍ରମଣର ୨ଟି ମାମଲା ଚିହ୍ନଟ ହୋଇଛି । ଦୁଇଜଣ ଶିଶୁଙ୍କଠାରେ ଏହି ସଂକ୍ରମଣ ଚିହ୍ନଟ ହୋଇଛି ।



## ବଜାରରେ ଚୀନ ଭୁତାଣୁ ଆତଙ୍କର ପ୍ରଭାବ
# ନିବେଶକଙ୍କ କ୍ଷତି ୧୧ ଲକ୍ଷ କୋଟି

**ମୁମ୍ବାଇ,୫।୧(ନି.ପ୍ର.):** ଭାରତରେ ଚୀନରୁ ଆସିଥିବା ଏଚଏମପିଭି ଭୂତାଣୁର ପ୍ରଥମ ସଂକ୍ରମଣ ଜଣାପଡ଼ିବା ପରେ ଆତଙ୍କ ଖେଳିଯାଇଛି । ଏପରିକି ଷ୍ଟକ ବଜାରରେ ମଧ ତାହାର ପ୍ରଭାବ ପଡ଼ିଛି । ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ଦେଢ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ବମ୍ବେ ଷ୍ଟକ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ୧୨୫୮.୧୨ ପଏଣ୍ଟ ହ୍ରାସ ପାଇ ୭୭,୯୬୪.୯୯ ପଏଣ୍ଟରେ ବନ୍ଦ ହୋଇଛି । ସୋମବାର ନିଫ୍ଟି ୩୮୮.୭୦ ପଏଣ୍ଟ ହ୍ରାସ ପାଇ ୨୩,୬୧୬.୦୫ ପଏଣ୍ଟରେ ବନ୍ଦ ହୋଇଛି । କାରବାର ସମୟରେ ନିଫ୍ଟି ୪୫୨.୮୫ ପଏଣ୍ଟ ହ୍ରାସ ପାଇ ୨୩,୫୫୧.୯୦ ପଏଣ୍ଟର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା । ଗତ ଦୁଇ ଦିନ ମଧ୍ୟରେ ନିଫ୍ଟିରେ ୫୭୨.୬ ପଏଣ୍ଟ ହ୍ରାସ ଘଟିଛି । ଷ୍ଟକ ବଜାରରେ ଏହି ହ୍ରାସ ଫଳରେ ନିବେଶକମାନେ ସୋମବାର ୧୧ ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି ।

ଟାଟା ଷ୍ଟିଲଠାରୁ ଆରମ୍ଭ କରି ଇନଫୋସିସ୍ ପର୍ଯ୍ୟନ୍ତ ୩୦ଟି ଷ୍ଟକ ମଧ୍ୟରୁ ୨୮ଟି ବନ୍ଦ ହୋଇଛି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏଚଡିଏଫସି ବ୍ୟାଙ୍କର ସେୟାର ୨ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଏହି ହ୍ରାସ ଯୋଗୁଁ ଷ୍ଟକ ବଜାର ନିବେଶକମାନେ ୧୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହରାଇଛନ୍ତି। ଚାଇନା ଭାଇରସ ବ୍ୟତୀତ ଷ୍ଟକ ବଜାରରେ ହ୍ରାସର ଅନ୍ୟ କିଛି ପ୍ରମୁଖ କାରଣ ଉପରେ ମଧ ବିଚାର କରାଯାଉଛି । ଡଲାର ତୁଳନାରେ ଟଙ୍କାର ବଡ଼ ଧରଣର ହ୍ରାସ ଘଟିଛି । ଅନ୍ୟପକ୍ଷରେ ବିଦେଶୀ ନିବେଶକଙ୍କ ବିକ୍ରି ଜାରି ରହିଛି । ସୋମବାର ଏସୀୟ ବଜାରରେ ମଧ ୧.୪୦ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି ।

# ଶେଖ ହସିନାଙ୍କ ବିରୋଧରେ ପୁଣି ଗିରଫ ପରୱାନା ଜାରି କଲା ବାଂଲାଦେଶ

**ଢାକା,୫।୧(ନି.ପ୍ର.):** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦୁଃଖ ଥମିବାର ନାଁ ନେଉନାହିଁ । ଦେଶର ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲ ହସିନାଙ୍କ ବିରୋଧରେ ପୁଣି ଥରେ ଗିରଫ ପରୱାନା ଜାରି କରିଛନ୍ତି । ଏହା ହସିନାଙ୍କ ବିରୋଧରେ ୨ୟ ଗିରଫ ପରୱାନା । କେବଳ ହସିନା ନୁହନ୍ତି ତାଙ୍କ ପୂର୍ବତନ ପ୍ରତିରକ୍ଷା ପରାମର୍ଶଦାତା ତାରିକ୍ ଅହମ୍ମଦ ସିଦ୍ଦିକ ଏବଂ ପୂର୍ବତନ ଆଇଜି ବେନଜିର ଅହମ୍ମଦଙ୍କ ସମେତ ମୋଟ ୧୧ ଜଣଙ୍କ ବିରୋଧରେ ନିଖୋଜ ଏବଂ ହତ୍ୟା ଅଭିଯୋଗରେ ଗିରଫ ପରୱାନା ଜାରି କରିଛନ୍ତି । ଜଷ୍ଟିସ ମହମ୍ମଦ ଗୋଲମ ମାର୍ତୁଜା ମଜୁମଦାରଙ୍କ ଅଧକ୍ଷତାରେ ଗଠିତ ଟ୍ରିବ୍ୟୁନାଲ ଏହି ୧୧ ଜଣଙ୍କୁ ଗିରଫ କରିବା ପାଇଁ ଦୁଇଟି ପିଟିସନ ଦାଖଲ କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଫେବ୍ରୁଆରୀ ୧୨ ସୁଦ୍ଧା ଶେଖ୍ ହସିନା ଓ ଅନ୍ୟମାନଙ୍କୁ ଗିରଫ କରି ହାଜର କରିବାକୁ ଟ୍ରିବ୍ୟୁନାଲ୍ ବାଂଲାଦେଶ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାଂଲାଦେଶୀ ଖବରକାଗଜ 'ଦ ଡେଲି ଷ୍ଟାର'ରେ ଏହି ସୂଚନା ଦିଆଯାଇଛି । ଗତବର୍ଷ ଟ୍ରିବ୍ୟୁନାଲ ଶେଖ ହସିନା ଏବଂ ଅନ୍ୟ ୪୫ ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ । ଛାତ୍ରଙ୍କ ନେତୃତ୍ୱାଧୀନ ଆନ୍ଦୋଳନ ସମୟରେ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ତାଙ୍କ ବିରୋଧରେ ପରୱାନା ଜାରି କରାଯାଇଥିଲା । ଏହି ଆନ୍ଦୋଳନ ଫଳରେ ହସିନାଙ୍କୁ କ୍ଷମତାରୁ ହଟାଇ ଦିଆଯାଇଥିଲା ଏବଂ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ୍ୟ ହସିନା ଢାକାରୁ ଭାରତକୁ ପଳାଇ ଆସିଥିଲେ ଏବଂ ସେବେଠାରୁ ଏଠାରେ ରହୁଛନ୍ତି ।

# ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ,୫।୧(ନି.ପ୍ର.):** ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକୁ ଭାରତ ନିନ୍ଦା କରିଛି । ଏହି ଆକ୍ରମଣକୁ ନେଇ ଭାରତ ପାକିସ୍ତାନ ବିରୋଧରେ କଡ଼ା ଭାଷା ପ୍ରୟୋଗ କରି କହିଛି ଯେ ନିଜର ଭୁଲ ପାଇଁ ପଡ଼ୋଶୀ ଦେଶକୁ ଦାୟୀ କରିବାର ଏକ ପୁରୁଣା ଅଭ୍ୟାସ ପାକିସ୍ତାନର ରହିଛି। ଭାରତର ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ମହିଳା ଓ ଶିଶୁଙ୍କ ସମେତ ଆଫଗାନିସ୍ତାନର ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଏୟାର ଷ୍ଟ୍ରାଇକରେ ଅନେକ ମୂଲ୍ୟବାନ ଜୀବନ ଯାଇଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଆମ ନଜରକୁ ଆସିଛି । ନିରୀହ ନାଗରିକଙ୍କ ଉପରେ ଯେକୌଣସି ଆକ୍ରମଣକୁ ଆମେ ଦୃଢ଼ ନିନ୍ଦା କରୁଛୁ । ନିଜର ଆଭ୍ୟନ୍ତରୀଣ ବିଫଳତା ପାଇଁ ପଡ଼ୋଶୀମାନଙ୍କୁ ଦାୟୀ କରିବା ପାକିସ୍ତାନର ଏକ ପୁରୁଣା ଅଭ୍ୟାସ । ଆଫଗାନିସ୍ତାନ ମୁଖପାତ୍ରଙ୍କ ପ୍ରତିକ୍ରିୟାକୁ ମଧ ଆମେ ଗରୁତ୍ୱ ଦେଇଛୁ । ଗତ ଡିସେମ୍ବର ମାସରେ ତାଲିବାନ ଦାବି କରିଥିଲା ଯେ ପାକିସ୍ତାନୀ ସେନାର ଏୟାର ଷ୍ଟ୍ରାଇକ୍ ରେ ମହିଳା ଓ ଶିଶୁଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ଘଟିଥିଲା । ଆଫଗାନିସ୍ତାନ ସରକାରଙ୍କ ଉପମୁଖପାତ୍ର ହମଦୁଲ୍ଲା ଫିତରତ କହିଥିଲେ ଯେ ପକ୍ତିକା ପ୍ରଦେଶର ବରମାଲ ଜିଲ୍ଲାର ୪ଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ର ବିବୃତ୍ତିରେ ଏହା ମଧ ଦାବି କରାଯାଇଥିଲା ଯେ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଏବଂ ଆହତ ହୋଇଥିବା ଅଧିକାଂଶ ମହିଳା ଏବଂ ଶିଶୁଙ୍କ ସମେତ ୱାଜିରିସ୍ତାନର ଏକ ଶରଣାର୍ଥୀ ଶିବିରର ଥିଲେ ।



## ଆମେରିକାରେ ଭାରତୀୟଙ୍କ ପାଇଁ ଖୁସି ଖବର
# ଦେଶକୁ ନଫେରି ରିନ୍ୟୁ କରିପାରିବେ ଏଚ୍-୧ ବି ଭିସା

**ନୂଆଦିଲ୍ଲୀ,୬।୧):** ଆମେରିକାରେ ଥିବା ଭାରତୀୟଙ୍କ ପାଇଁ ଖୁସି ଖବର । ଆମେରିକା ଦ୍ୱାରା 'ଏଚ୍-୧ ବି' ଭିସା ରିନ୍ୟୁଆଲ ପାଇଁ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ସଫଳ ରହିଛି । ଏବେ ସ୍ୱଦେଶ ନଆସି ଆମେରିକାରେ ହିଁ ଭାରତୀୟ ଲୋକ ଭିସା ରିନ୍ୟୁ କରିପାରିବେ। ନୂଆଦିଲ୍ଲୀ ସ୍ଥିତ ଆମେରିକୀୟ ଦୂତାବାସ କହିଛି ଆମେରିକା ଖୁବ୍ ଶୀଘ୍ର ଭିସା ନବୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି । ଏହା ଅନୁସାରେ, ଏଚ୍-୧ ଭିସା ଧାରକ ଦେଶ ବାହାରକୁ ନଯାଇ ନିଜର ଦସ୍ତାବିଜକୁ ରିନ୍ୟୁ କରିପାରିବେ । ଏଚ୍-୧ ବି ଭିସା ଧାରକଙ୍କ ପାଇଁ ଆମେରିକା ସ୍ଥିତ ନବୀକରଣ କାର୍ଯ୍ୟକ୍ରମ ଚଳିତ ବର୍ଷ ଲାଗୁ ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ସେଠାରେ ରହୁଥିବା ଭାରତୀୟଙ୍କୁ ଲାଭ ମିଳିବୟ ଏହା ତାଙ୍କ ପାଇଁ ବରଦାନ ପ୍ରମାଣିତ ହେବ। କାରଣ ବର୍ତ୍ତମାନ ତାଙ୍କୁ ନିଜର ଭିସା ରିନ୍ୟୁ କରିବା ପାଇଁ ସ୍ୱଦେଶ ଫେରିବାକୁ ପଡୁଥିଲାୟ ଏଚ୍-୧ ବି ଭିସାକୁ ରିନ୍ୟୁ କରିବା ଓ ପୁଣିଥରେ ଏହାକୁ ଭରିବା ପାଇଁ ଭାରତ ଫେରିବା ଆମେରିକାରେ ଥିବା ଭାରତୀୟ ଶ୍ରମିକଙ୍କ ପାଇଁ ଦୀର୍ଘ ଦିନ ହେବ ଚିନ୍ତାର ବିଷୟ ରହିଥିଲା । ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି ଏଚ୍-୧ ବି ଭିସାକୁ ନବୀକୃତ କରିବା ପାଇଁ ଏକ ପାଇଲଟ୍ କାର୍ଯ୍ୟକ୍ରମକୁ ସଫଳତା ସମାପନ ପରେ ଏଭଳି ସମ୍ଭବ ହୋଇପାରିଛି । ଏହି ପାଇଲଟ୍ କାର୍ଯ୍ୟକ୍ରମ ହଜାର ହଜାର ଆବେଦକଙ୍କ ଭିସା ରିନ୍ୟୁ କରିଛି । ଅନ୍ୟପକ୍ଷେ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ ଶପଥ ଗ୍ରହଣ ସମାରୋହର ତିନି ସପ୍ତାହ ପୂର୍ବରୁ 'ଏଚ୍-୧ ବି' ଭିସାକୁ ନେଇ ବିବାଦ ଆରମ୍ଭ ହୋଇଛି, ଯେଉଁ କାରଣରୁ ଡେମୋକ୍ରାଟିକ୍ ଓ ରିପବ୍ଲିକାନ୍ ଦଳ ଭିତରେ ମତଭେଦ ସୃଷ୍ଟି ହୋଇଛି । ଟ୍ରମ୍ପ ୨୦ ଜାନୁଆରୀରେ ଆମେରିକାର ୪୭ ତମ ରାଷ୍ଟ୍ରପତି ରୂପରେ ଶପଥ ନେବେ । ସେ ଏଚ୍-୧ ବି ଭିସାର ସମର୍ଥନ କରିଛନ୍ତି ।




# ସାମ୍ବାଦିକଙ୍କୁ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଗିରଫ

ମାଲକାନଗିରି, ୬।୧: ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ମୁକେଶ ଚନ୍ଦ୍ରକାରଙ୍କୁ ଜାନୁଆରି ୧ରେ ଠିକାଦାର ଅପହରଣ କରିବା ପରେ ହତ୍ୟା କରିଥିଲା। ବସ୍ତର ପୁଲିସ ମୁଖ୍ୟ ଅଭିଯୁକ୍ତ ସୁରେଶ ଚନ୍ଦ୍ରକାରକୁ ହାଇଦ୍ରାବାଦରୁ ଗିରଫ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ତାର ଅନ୍ୟ ଦୁଇ ସହଯୋଗୀଙ୍କୁ ବି ପୁଲିସ ଧରିଛି। ସମ୍ପ୍ରତି ମୁକେଶଙ୍କ ଶବବ୍ୟବଚ୍ଛେଦ ରିପୋର୍ଟ ଆସି ଯାଇଛି।ଏହି ରିପୋର୍ଟରୁ ଜଣାପଡ଼ିଛି ମୁକୋଙ୍କ ଯକୃତକୁ ସୁରେଶ ଚନ୍ଦ୍ରକାର ଚାରି ଖଣ୍ଡ କରିଥିବା ବେଳେ କାନ୍ଧହାଡ ଭାଙ୍ଗି ଦେଇଥିଲା। କେବଳ ଏତିକି ନୁହେଁ ସୁରେଶଙ୍କ ହୃଦପିଣ୍ଡ ସଂପୂର୍ଣ୍ଣ ଫାଟି ଯାଇଥିଲା ବେଳେ ତାଙ୍କ ମୁଣ୍ଡରେ ଅନେକଥର ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ମୁକେଶଙ୍କ ମୃତ୍ୟୁପରେ ସମଗ୍ର ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ମୁକେଶଙ୍କ ଜନ୍ମ ଛତିଶଗଡ଼ ବିଜାପୁର ଜିଲ୍ଲାର ବାସ୍ନଗୁଡ଼ା ଗ୍ରାମରେ ହୋଇଥିଲା। ଏହି ଗ୍ରାମ ୨୦୦୦ ମସିହାରୁ ନକ୍ସଲ ସମସ୍ୟା ଦ୍ୱାରା ପ୍ରଭାବିତ ଥିବା ଗ୍ରାମ ମଧ୍ୟରୁ ଗୋଟିଏ ରହିଛି। ମୁକେଶ ଛୋଟଥିବା ବେଳେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଯାଇଥିଲା। ମୁକେଶଙ୍କ ମା' ଜଣେ ଅଙ୍ଗନବାଡ଼ି କର୍ମଚାରୀ ଥିଲେ। ୨୦୧୩ ମସିହାରେ ମୁକେଶଙ୍କ ମା' କର୍କଟରେ ପୀଡ଼ିତ ହୋଇ ଆର ପାରିକୁ ଚାଲିଯାଇଥିଲେ। ବାପା ଓ ମା'ଙ୍କୁ ହରାଇବା ପରେ ମୁକେଶ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିଲେ। ମୁକେଶ ମହୁଆ। ମଦ ବିକ୍ରି କରି, ବାଇକ ମ୍ୟାକାନିକ ଭାବେ କାମ କରି ନିଜର ପାଠପଢ଼ା ପୂରା କରିଥିଲେ। ଏହାପରେ ସାମ୍ବାଦିକତା ଦିଗରେ ସେ ମନବଳାଇଥିଲେ। ସାମ୍ବାଦିକ ଭାବେ ସେ ବେଶ ନାମ କମାଇଛନ୍ତିୟ ଯେକେଣସି ଘଟଣାର ରିପୋର୍ଟିଂ କରିବାକୁ ହେଲେ ସେ ସର୍ବଦା ଗ୍ରାଉଣ୍ଡକୁ ଯାଇ ଖବର ସଂଗ୍ରହ କରୁଥିବାରୁ ଚର୍ଚ୍ଚାର ପରିସରରେ ଥିଲେ।

# କାନ୍ଦିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୬।୧ :** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତୀଶ ମର୍ଲେନା ବିଜେପି ନେତା ରମେଶ ବିଧୁଡିଙ୍କ ବିବାଦୀୟ ବୟାନକୁ ନେଇ କାନ୍ଦି ପକାଇଛନ୍ତି । ଆଜି ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଆତୀଶଙ୍କୁ ବିଜେପି ପ୍ରାର୍ଥୀ ରମେଶ ବିଧୁଡିଙ୍କ ବିବାଦୀୟ ବୟାନ ବିଷୟରେ ପଚରାଯାଇଥିଲା । ସେ ଏହି ପ୍ରଶ୍ନର ଉତ୍ତର ଦେବାବେଳେ କାନ୍ଦିକାନ୍ଦି କହିଥିଲେ, ',ମୋ ବାପା ଅସୁସ୍ଥ । ସେ ବିନା ସାହାରାରେ ଚାଲି ପାରନ୍ତି ନାହିଁ । ନିର୍ବାଚନ ପାଇଁ ଲୋକେ ଏତେ ତଳକୁ ଖସି ଯାଇ ବୃଦ୍ଧ ବ୍ୟକ୍ତିଙ୍କୁ ଗାଳି କରିବା ସହିତ ଦୁର୍ବ୍ୟବହାର କରନ୍ତି । ମୁଁ କେବେ ଭାବି ନ ଥିଲି ଯେ ଏହି ଦେଶର ରାଜନୀତି ଏତେ ନିମ୍ନ ସ୍ତରକୁ ଯାଇପାରେ । ରମେଶ ବିଧୁଡ଼ି ୧୦ ବର୍ଷ ଧରି ଦକ୍ଷିଣ ଦିଲ୍ଲୀର ସାଂସଦ ଥିଲେ । ସେ ଏହି ଅଞ୍ଚଳର ଲୋକଙ୍କ ପାଇଁ କ'ଣ କରିଛନ୍ତି ତାହା କାଲକାଜୀ ଲୋକ ହିଁ କହିବେ । ତୁମର କାମକୁ ଦେଖାଇ ଭୋଟ୍ ମାଗ । ମୋର ବୃଦ୍ଧ ପିତାଙ୍କୁ ଦୁର୍ବ୍ୟବହାର କରି ଭୋଟ୍ ମାଗିବା ଅତ୍ୟନ୍ତ ଦୁଃଖଦାୟକ । ସୋସିଆଲ ମିଡିଆରେ ରମେଶ ବିଧୁଡ଼ିଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶିଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଉଥିବାର ଶୁଣିବାକୁ ମିଳୁଛି । ବିଧୁଡ଼ି କହିଛନ୍ତି,' ଯେ ଆତିଶି ମର୍ଲେନାରୁ ସିଂ ହୋଇଥିଲେ । ଅରବିନ୍ଦ କେଜ୍ରିୱାଲ ପିଲାମାନଙ୍କ ମୁଣ୍ଡରେ ହାତ ରଖି ଶପଥ ନେଇଥିଲେ ଯେ ସେ କଂଗ୍ରେସ ସହ ଯିବେ ନାହିଁ ପିଲାଙ୍କୁ ସୁରକ୍ଷା ଦେବେ । ଏହି କ୍ରମରେ ଦେଖିବାକୁ ଗଲେ ଆତୀଶ ତାଙ୍କ ବାପାଙ୍କୁ ହିଁ ବଦଳାଇ ଦେଇଛନ୍ତି । ଏହା ହେଉଛି ତାଙ୍କର ଚରିତ୍ର ।'ଏଇ ବୟାନ ପୂର୍ବରୁ କଂଗ୍ରେସ ମହାସଚିବ ତଥା ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ନେଇ ବିଜେପି ନେତା ରମେଶ ବିଧୁଡ଼ିଙ୍କ ଅଭଦ୍ର ଟିପ୍ପଣୀ ଦେଇ କହିଥିଲେ, 'ଦିଲ୍ଲୀରେ ବିଜେପି ଆସିଲେ କାଲକାଜୀ ରାସ୍ତାକୁ ସୋନିଆ ଗାନ୍ଧୀଙ୍କ ଗାଲ ସଦୃଶ କରିଦେବେ ।'ଏହି ବୟାନ ପରେ ବିଜେପିର ପୂର୍ବତନ ସାଂସଦ ତଥା ନେତା ରମେଶ ବିଧୁଡ଼ିଙ୍କୁ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବାକୁ ପଡିଛି ।



# ବିମାନରେ ପକ୍ଷୀ ଧକ୍କା ବଢୁଛି

**ନୂଆଦିଲ୍ଲୀ,୬।୧ :** ଦିଲ୍ଲୀ, ମୁମ୍ବାଇ ସମେତ ଦେଶର ବିମାନବନ୍ଦରଗୁଡ଼ିକରେ ପକ୍ଷୀ ଉଡ଼ିବା ସମସ୍ୟାକୁ ଦୂର କରିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟ ଅନୁଯାୟୀ, ୨୦୨୪ ସେପ୍ଟେମ୍ବରରେ ବିମାନରେ ପକ୍ଷୀ ଧକ୍କା ହେବା ଘଟଣା ପ୍ରତି ୧୦ ହଜାର ବିମାନରେ ୯.୬୮ କୁ ବୃଦ୍ଧି ପାଇଛି । ଦୁଇବର୍ଷ ପୂର୍ବେ ଏହି ସଂଖ୍ୟା ୪.୨୬ ରହିଥିଲା। ଗତବର୍ଷ ଅଗଷ୍ଟରେ ଗୋଆର ଡାବୋଲିମ ବିମାନବନ୍ଦରରେ ଏୟାର ଇଣ୍ଡିଆର ଏକ ବିମାନରେ ପକ୍ଷୀ ମାଡ଼ ହେବାଦ୍ୱାରା ଉଡ଼ାଣକୁ ବାତିଲ କରାଯାଇଥିଲା । ପକ୍ଷୀ ବାଜିବା ପରେ ବିମାନର ଇଞ୍ଜିନରୁ ଧୂଆଁ ବାହାରିବା ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା । ଡିଜିସିଏର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ବିମାନବନ୍ଦରଗୁଡ଼ିକୁ ବିମାନରେ ପକ୍ଷୀ ମାଡ଼ ହେବା ଜନିତ ବିପଦ ଏବଂ ଏହାକୁ କିଭଳି ହ୍ରାସ କରାଯାଇ ପାରିବ ତାହାର ପୁନଃଆକଳନ କରିବାକୁ କୁହାଯାଇଛି । ଦକ୍ଷିଣ କୋରିଆର ମୁଆନ୍ ବିମାନବନ୍ଦରରେ ଜେଜୁ ଏୟାର ବିମାନର ଭୟଙ୍କର ଦୁର୍ଘଟଣା ପରେ ଏଭଳି ନିର୍ଦ୍ଦେଶନାମା ବିମାନବନ୍ଦରଗୁଡ଼ିକୁ ଦିଆଯାଇଛି । ସହରାଞ୍ଚଳରେ ଲୋକସଂଖ୍ୟା ବଢିବ ଫଳରେ ବିମାନବନ୍ଦର ନିକଟରେ ମଧ ଜନବସତି ବୃଦ୍ଧି ପାଇବାରେ ଲାଗିଛି । ଲୋକମାନେ ବାସ କରୁଥିବା ଅଞ୍ଚଳ ନିକଟରେ ବଳକା ଖାଦ୍ୟ ଏବଂ ମରି ଯାଉଥିବା ପଶୁପକ୍ଷୀଙ୍କୁ ଫିଙ୍ଗି ଦେଉଛନ୍ତି । ଖାଦ୍ୟ ଅନ୍ୱେଷଣରେ ଥିବା ପକ୍ଷୀମାନେ ଏସବୁକୁ ଖାଇବା ପାଇଁ ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଏଥିଯୋଗୁ ବିମାନବନ୍ଦରଗୁଡ଼ିକରେ ପକ୍ଷୀଜନିତ ବିପଦ ବୃଦ୍ଧି ପାଇଥାଏ ।

ସଂପାଦକୀୟ

# ଲାଲୁ ଅଫର

ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ଏବେଠାରୁ ଦୁଇ ପରସ୍ପର ବିରୋଧୀ ରାଜନୈତିକ ମେଣ୍ଟ ଏନଡିଏ ଏବଂ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହା ସହିତ ନୂଆ ରାଜନୈତିକ ଦଳ ଗଢ଼ିଥିବା ପ୍ରଶାନ୍ତ କିଶୋର ମଧ୍ୟ ବିହାର ବିଧାନସଭା ନିର୍ବାଚନରେ ନିଜର ଶକ୍ତି ପରୀକ୍ଷା ନିମନ୍ତେ ପାଗ ଭିଡୁଛନ୍ତି। କିନ୍ତୁ ପ୍ରକୃତ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେବ। ବିହାରରେ ଏନଡିଏର ନେତୃତ୍ୱ ନୀତିଶ କୁମାର ନେଉଥିବା ବେଳେ ଇଣ୍ଡିଆ ବ୍ଲକର ନେତୃତ୍ୱ ଆରଜେଡି ନେତା ତେଜସ୍ୱୀ ଯାଦବ ନେଉଛନ୍ତି। ତେଜସ୍ୱୀଙ୍କ ଦଳ ଆର,ଜେଡି ସହିତ କଂଗ୍ରେସ ଏବଂ ବାମପନ୍ଥୀ ଦଳମାନେ ଅଛନ୍ତି। ଏନଡିଏରେ ବିଜେପି ଓ ନୀତିଶଙ୍କ ଜେଡିୟୁ ସହିତ ଚିରାଗ ପାଶ୍ୱାନଙ୍କ ଏଲଜେପି, ଜିତନ ରାମ ମାନଝୀ ଏବଂ ଉପେନ୍ଦ୍ର କୁଶୱାଙ୍କ ଦଳ ରହିଛି। କିଛି ଦିନ ତଳେ ତେଜସ୍ୱୀ ଗଣମାଧ୍ୟମକୁ କହିଥିଲେ ଯେ, ନୀତିଶ କୁମାରଙ୍କ ପାଇଁ ଇଣ୍ଡିଆ ବ୍ଲକର ଦ୍ୱାର ସବୁ ଦିନ ପାଇଁ ବନ୍ଦ ହୋଇଯାଇଛି। ବାରମ୍ବାର ସେ ଧୋକ୍କା ଦେଇଛନ୍ତି। ଆଉ ତାଙ୍କର ବିଶ୍ୱସନୀୟତା ନାହିଁ। କିନ୍ତୁ ଏବେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଭିନ୍ନ କଥା କହିଛନ୍ତି। ସେ କହିଛନ୍ତି ଯେ, ନୀତିଶଙ୍କ ପାଇଁ ଇଣ୍ଡିଆ ବ୍ଲକର ଦ୍ୱାର ଏବେ ବି ଉନ୍ମୁକ୍ତ। ପଛ କଥା ଭୁଲି ସେ ବିରୋଧୀ ମେଣ୍ଟରେ ସାମିଲ ହୁଅନ୍ତୁ। ଉଭୟ ଦଳ ପରସ୍ପରର ଦ୍ୱାର ଉନ୍ମୁକ୍ତ କରିବାକୁ ସେ ଆହ୍ୱାନ କରିଛନ୍ତି। ଲାଲୁଙ୍କ ଏହି ପ୍ରସ୍ତାବ ରାଜନୈତିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଅତୀତରେ ନୀତିଶ ତିନି ଥର ବିଜେପିର ହାତ ଛାଡ଼ି ଲାଲୁଙ୍କ ସହ ହାତ ମିଳାଇଛନ୍ତି। କିନ୍ତୁ କେବେ ବି ଏହି ବୁଝାମଣା ୫ ବର୍ଷ ତିଷ୍ଠି ନାହିଁ। ବର୍ଷେ/ଦୁଇ ବର୍ଷ ଭିତରେ ମେଣ୍ଟ ଭାଙ୍ଗିଛି। ଏହା ସତ୍ତ୍ୱେ ଏବେ ଲାଲୁ କାହିଁକି ନୀତିଶଙ୍କ ସହ ସାଲିସ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି? ଏହାର କାରଣ ହେଲା କଂଗ୍ରେସ ଉପରେ ଲାଲୁଙ୍କ ଭରସା ନାହିଁ। କଂଗ୍ରେସ ଓ ବାମପନ୍ଥୀଙ୍କ ସହ ଆସନ ବୁଝାମଣା ଦ୍ୱାରା ଆରଜେଡିର କିଛି ଫାଇଦା ହେବ ନାହିଁ। ଗତ ବିଧାନସଭା ନିର୍ବାଚନରେ ଏହା ପ୍ରମାଣିତ ହୋଇଛି। କିନ୍ତୁ ନୀତିଶଙ୍କ ସହ ହାତ ମିଳାଇଲେ ହୁଏତ ଆରଜେଡି ଏକାକି ସଂଖ୍ୟାଗରିଷ୍ଠତାର ନିକଟତର ହୋଇପାରେ। ୨୦୧୫ରେ ଏହା ହୋଇଥିଲା। କିନ୍ତୁ ଆରଜେଡି ସେତେବେଳେ ବୁଝାମଣା ଅନୁଯାୟୀ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲା। ଲାଲୁଙ୍କ ପ୍ରସ୍ତାବକୁ ନୀତିଶ ହସରେ ଉଡ଼ାଇ ଦେଇଛନ୍ତି। କିନ୍ତୁ ଆଗାମୀ ଦିନରେ ଏଭଳି ପ୍ରସ୍ତାବ କାର୍ଯ୍ୟକାରୀ ହେବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଆରଜେଡି ଓ ଜେଡିୟୁ ହେଉଛନ୍ତି ବିହାର ରାଜନୀତିର ଦୁଇ ପ୍ରମୁଖ ରାଜନୈତିକ ଶକ୍ତି। ଏମାନେ ଏକାଠି ହେଲେ ଏହାକୁ ପରାଜିତ କରିବାର ସାମର୍ଥ୍ୟ କାହାର ନାହିଁ। କିନ୍ତୁ ଏଥର ଯଦି ବା ଆରଜେଡି-ଜେଡିୟୁ ଆସନ ବୁଝାମଣା ହୁଏ ତେବେ ତେଜସ୍ୱୀ କ'ଣ ଏଥର ମୁଖ୍ୟମନ୍ତ୍ରୀ ପଦ ନୀତିଶଙ୍କୁ ଛାଡ଼ିଦେବେ? ସମ୍ଭବତଃ ନୁହେଁ। ତେଣୁ ଲାଲୁଙ୍କ ଏହି ପ୍ରସ୍ତାବର ମୂଲ୍ୟ କ'ଣ? ଲାଲୁଙ୍କ ଏହି ବୟାନ ପଛରେ କଂଗ୍ରେସର ସବୁଜ ସଙ୍କେତ ଥାଇପାରେ। କଂଗ୍ରେସ ଚାହୁଁଛି ନୀତିଶ କୁମାର ଏନଡିଏରୁ ଓହରି ଆସନ୍ତୁ। ଲୋକସଭାରେ ଜେଡିୟୁର ୧୨ ଜଣ ସଦସ୍ୟ ଅଛନ୍। ଯଦି ନୀତିଶ ଏନଡିଏର ଓହରିଯିବେ ତେବେ କେନ୍ଦ୍ରରେ ମୋଦି ସରକାରଭାଙ୍ଗି ଯିବ ସେ କଥା ନୁହେଁ। କିନ୍ତୁ ଏନଡିଏ ଦୁର୍ବଳ ହେବ ଏବଂ ସରକାର ଚାପଗ୍ରସ୍ତ ହେବେ। ଲୋକସଭାରେ ବିଜେପିର ୨୪୦ଜଣ ସଦସ୍ୟ ଅଛନ୍ତି। କିନ୍ତୁ ଏନଡିଏର ସଦସ୍ୟ ସଂଖ୍ୟା ହେଉଛି ୨୯୩। ବିଜେପି କ୍ଷମତା ବଜାୟ ରଖିବାକୁ ହେଲେ ୩୨ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ କରୁଛି। ଯଦି ୨୯୩ରୁ ୨୨ଜଣ ଏନଡିଏରୁ ଓହରଯିବେ ତେବେ ସରକାର ଭାଙ୍ଗିଯିବ। ତେଣୁ କଂଗ୍ରେସ ଚାହୁଁଛି ନୀତିଶ ଯଦି ଏନଡିଏରୁ ଓହରିଯିବ ତେବେ ବିଜେପି ଚାପଗ୍ରସ୍ତ ହେବ ଏବଂ ସରକାରରେ ଅସ୍ଥିରତା ସୃଷ୍ଟି ହେବ। ହୁଏତ ପରବର୍ତ୍ତୀ ସମୟରେ ଅନ୍ୟ କିଛି ଦଳ ମଧ୍ୟ ଏନଡିଏରୁ ଓହରିଯାଇପାରନ୍ତି। ତେଣୁ ମୋଦି ସରକାର ୨୦୨୯ ପର୍ଯ୍ୟନ୍ତ ତିଷ୍ଠିବା କଷ୍ଟକର ହେବ। କଂଗ୍ରେସ ଏହା ଚାହୁଁଛି। ତେଣୁ ଲାଲୁଙ୍କ ମୁହଁରେ କଂଗ୍ରେସ ନୀତିଶଙ୍କୁ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଛି। ଏଥିରେ ନୀତିଶ କେତେଦୂର ପ୍ରଭାବିତ ହେବେ ଏବଂ କେତେଦୂର ଏହାକୁ ଗ୍ରହଣ କରିବେ ତାହା ପୂର୍ବାନୁମାନ କରାଯାଇପାରିବ ନାହିଁ। ରାଜନୀତିରେ ସବୁ ସମ୍ଭବ। ବିହାର ନିର୍ବାଚନ ପରେ ଯଦି ନୀତିଶ କୁମାରଙ୍କ ନେତୃତ୍ୱରେ କେନ୍ଦ୍ରରେ ଏକ ବିକଳ୍ପ ସରକାର ଗଠିତ ହୁଏ ତେବେ ସେଥିରେ ବିସ୍ମିତ ହେବାର କିଛି ନାହିଁ।

# ଗଙ୍ଗାସାଗର ମେଳା

**ଡକ୍ଟର ତପନ କୁମାର ପାଲ ■**

ଭାରତର ପବିତ୍ର ନଦୀ ପୁଣ୍ୟତୋୟା ଗଙ୍ଗାରେ ଅନୁଷ୍ଠିତ ହୋଇଥାଏ ଗଙ୍ଗା ସାଗର ମେଳା । ପଶ୍ଚିମବଙ୍ଗର ଦକ୍ଷିଣ ପ୍ରଗଣା ଜିଲ୍ଲାରେ ଏହି ଗଙ୍ଗା ସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଏହି ସ୍ଥାନଟି କୋଲକାତା ଠାରୁ ୧୪୦ କିଲୋମିଟର ଦୂରରେ ଅବସ୍ଥିତ । ବାରବର୍ଷରେ ଥରେ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଥିବେଳେ ପ୍ରତିବର୍ଷ କୁମ୍ଭମେଳା ଚାରଟି ଭିନ୍ନ ଭିନ୍ନ ସ୍ଥାନରେ ହୋଇଥାଏ । ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତିପୂତ ପରିବେଶରେ ଗଙ୍ଗାନଦୀରେ ବୁଡ଼ ପକାଇଥାନ୍ତି । ଗଙ୍ଗା ସାଗର ସ୍ନାନକୁ ଗଙ୍ଗା ସାଗର ମେଳା ବୋଲି କୁହାଯାଇଥାଏ । ଏହା ପଶ୍ଚିମବଙ୍ଗରେ ମକର ସଂକ୍ରାନ୍ତି ଦିନ ପାଳିତ ହୋଇଥାଏ । ଏହି ମେଳା ପରେ କପିଳ ମୁନିଙ୍କ ମନ୍ଦିରରେ ପୂଜାର୍ଚ୍ଚନ କରାଯାଇ ଯଜ୍ଞ କରାଯାଇଥାଏ । ଏହି ଗଙ୍ଗା ସାଗର ମେଳାର ପୌରାଣିକ କାହାଣୀ ବି ରହିଛି । ଗଙ୍ଗା ନଦୀକୁ ନେଇ ଭାରତର ଅନେକ ପୌରାଣିକ ପ୍ରସଙ୍ଗ ଯୋଡ଼ି ହୋଇରହିଛି । ଅଯୋଧ୍ୟାର ରାଜା ଷାଠିଏ ହଜାର ପୁତ୍ର ସନ୍ତାନ ପ୍ରାପ୍ତ କରିଥିଲେ ଦିନେ ରାଜା ସାଗର ଦେବଲୋକରେ ବିଜୟୀ ହେବା ପାଇଁ ଏକ ବିରାଟ ବଡ଼ ଯଜ୍ଞ ଆୟୋଜନ କରିଥିଲେ । ଯଜ୍ଞ ପାଇଁ ଆବଶ୍ୟକ ହୋଇଥିବା ଘୋଡ଼ାକୁ ପରବର୍ତ୍ତୀ ସମୟରେ ଇନ୍ଦ୍ରଦେବ ଚୋରାଇ ନେଇଥିଲେ । ସାଗର ରାଜା ନିଜର ସମସ୍ତ ପୁଅଙ୍କୁ ଏହି ଘୋଡ଼ା ଖୋଜିବାକୁ ପାଇଁ ପଠାଇଥିଲେ । ସମସ୍ତେ ଘୋଡ଼ାକୁ ଖୋଜାଖୋଜି କରି ପାତାଳରେ ଠାବ କରିଥିଲେ । ଯେଉଁଠି ଏହି ଘୋଡ଼ା ଜଣେ ଋଷିଙ୍କ ପାଖରେ ବନ୍ଧା ହୋଇଥିଲା । ସେହି ଦିବ୍ୟଦ୍ରଷ୍ଟା ଋଷି ହଜାର ହଜାର ବର୍ଷ ଧରି ତପସ୍ୟାରତ ଥିଲେ । ଋଷି ଜଣଙ୍କ ଘୋଡ଼ା ଚୋରାଇ ଆଣିଥିବାର ଭାବି ସାଗରଙ୍କର ପୁଅମାନେ ତାଙ୍କୁ ତୀବ୍ର ଅପମାନ ପ୍ରଦାନ କରିଥିଲେ । ମହର୍ଷି ତାଙ୍କ ତପସ୍ୟାରେ ବାଧା ଜାଣିପାରି ସେ ଆଖି ଖୋଲିବା ମାତ୍ରେ ତାଙ୍କ କ୍ରୋଧାନଳରେ ରାଜା ସାଗରଙ୍କ ଷାଠିଏ ହଜାର ପୁଅ ଦଗ୍ଧିଭୂତ ହୋଇଯାଇଥିଲେ । କିନ୍ତୁ ସମସ୍ତଙ୍କ ଆତ୍ମା ତୃପ୍ତ ନହୋଇ ଅତୃପ୍ତ ରହିଥିଲା । ସାଗରଙ୍କ ପୁଅ ଅଂଶୁମାନ ଏହି ଅତୃପ୍ତ ଆତ୍ମାଗୁଡ଼ିକର ମୁକ୍ତି ପାଇଁ ପ୍ରୟାସ କରି ଅସଫଳ ହୋଇଥିଲେ ଏହାପରେ ତାଙ୍କ ପୁଅ ଦିଲ୍ଲୀପ ମଧ୍ୟ ଯେତେ ଚେଷ୍ଟା କରି ସଫଳତା ପାଇପାରିନଥିଲେ । ପରବର୍ତ୍ତୀ ସମୟରେ ଦିଲ୍ଲୀପଙ୍କ ଦ୍ୱିତୀୟ ପତ୍ନୀଙ୍କ ପୁଅ ରାଜା ଭଗୀରଥ ନିଜ ପୂର୍ବ ବଂଶଧରଙ୍କ ଅନ୍ତିମ ସଂସ୍କାର ପାଇଁ ଗଙ୍ଗାନଦୀକୁ ପୃଥିବୀ ପୃଷ୍ଠକୁ ଆଣିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସେ ବ୍ରହ୍ମାଙ୍କୁ ପ୍ରସନ୍ନ କରିବା ପାଇଁ ବର୍ଷ ବର୍ଷ ଧରି କଠିନ ତପସ୍ୟା କରିଥିଲେ । ଶେଷରେ ଗଙ୍ଗାଙ୍କୁ ପୃଥିବୀ ଓ ପରେ ପାତାଳ ଯିବାକୁ ପଡ଼ିଥିଲା କାରଣ ସାଗରଙ୍କ ପୁତ୍ରମାନେ ପାତାଳରେ ହିଁ ଅତୃପ୍ତ ହୋଇ ବୁଲୁଥିଲେ । କିନ୍ତୁ ଗଙ୍ଗା ଅତିବ ଉଚ୍ଚରୁ ତଳେ ପଡ଼ିଲେ ପୃଥିବୀ କିଭଳି ବେଗ ସହିପାରିବ ବୋଲି ତାଙ୍କୁ ଗଙ୍ଗା ପ୍ରଶ୍ନ କରିଥିଲେ । ଏହାପରେ ରାଜା ଭଗୀରଥି ଭଗବାନ ଶିବଙ୍କୁ ନିବେଦନ କରିଥିଲେ ତାଙ୍କ ଜଟା ଭିତରେ ଗଙ୍ଗାନଦୀର ବେଗକୁ ରୋକିବା ପାଇଁ ।

ଗଙ୍ଗାସାଗର ମେଳା ଭାରତର ପ୍ରସିଦ୍ଧତମ ସର୍ବବୃହତ୍ ଓ ଆଧ୍ୟାତ୍ମିକ ମେଳାର ମର୍ଯ୍ୟାଦା ପାଇଛି । ଏହି ଗଙ୍ଗାସାଗର ଯିବାକୁ ହେଲେ ପ୍ରଥମେ ପଶ୍ଚିମବଙ୍ଗର କୋଲକାତାର କାକଦୀପ ପର୍ଯ୍ୟନ୍ତ ପାଖାପାଖି ଦେଢ଼ଶହ କିଲୋମିଟର ଯାତ୍ରା କରିବାକୁ ପଡ଼ିଥାଏ । ପରେ ସୁଦୀର୍ଘ ଡଙ୍ଗା ଦ୍ୱାରା ନଦୀରେ ଅନ୍ୟୁନ୍ ଏକ ଘଣ୍ଟାର ଯାତ୍ରା ପରେ ଗଙ୍ଗାସାଗର ଦ୍ୱୀପରେ ପହଞ୍ଚି ହୁଏ । ଏହି ଦ୍ୱୀପଟି ଅନେକ ଗାଁର ସମାହାର । ଯେଉଁଠି ଜନସଂଖ୍ୟା ପାଖାପାଖି ଦୁଇଲକ୍ଷରୁ ଉର୍ଦ୍ଧ୍ୱ । ଏହି ଠାରେ ପୁରାଣ ପ୍ରସିଦ୍ଧ କପିଳମୁନିଙ୍କ ମନ୍ଦିର ରହିଛି । ଭାରତରେ କୌଣସି ସ୍ଥାନରେ କପିଳ ମୁନିଙ୍କ ମନ୍ଦିର ହିଁ ନାହିଁ । କେବଳ ଏହି ସାଗର ଦ୍ୱୀପର ଶ୍ରେଷ୍ଠ ତୀର୍ଥସ୍ଥଳରେ କପିଳମୁନିଙ୍କ ଆଶ୍ରମ ରହିଛି । ଏହି ଗଙ୍ଗାସାଗର ଯାତ୍ରା ସମୟରେ କପିଳମୁନିଙ୍କ ଆଶ୍ରମରେ ଭକ୍ତଗଣ ପହଞ୍ଚି ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି । ଏଠାରେ ରହିବା ପାଇଁ ଅନେକ ଛୋଟବଡ଼ ଧର୍ମଶାଳା, ଆଶ୍ରମ, ବିଭିନ୍ନ ଦାତବ୍ୟ ସଂଗଠନର ରହଣୀସ୍ଥଳ ସହ ଛୋଟବଡ ହୋଟେଲ ଗଢ଼ି ଉଠିଛି । ଅନେକ ଶ୍ରଦ୍ଧାଳୁ ଗଙ୍ଗା ସାଗର ଯାତ୍ରା କରି ନିଜକୁ ଭାଗ୍ୟବାନ ମନେ କରିଥାନ୍ତି । କୁହାଯାଏ ଭାଗ୍ୟରେ ଥିଲେ ଗଙ୍ଗାସାଗର ଯାତ୍ରା ସଫଳ ହୋଇଥାଏ । ଚଳିତବର୍ଷ ପ୍ରଥମ ସପ୍ତାହରେ ହିଁ ଏହି ଗଙ୍ଗା ସାଗର ମେଳା ଆୟୋଜିତ ହେଉଛି । ପଶ୍ଚିମବଙ୍ଗ ସରକାର ଗଙ୍ଗା ସାଗର ମେଳା ଆୟୋଜନ ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭାରତର ବିଭିନ୍ନ ସ୍ଥାନରୁ ଏହି ଜାଗାକୁ ଆସୁଥିବାରୁ ଭାରତର ସମସ୍ତ ବଡ଼ ବଡ଼ ରେଳଷ୍ଟେସନରୁ ହାଓ୍ୱାଡ଼ା ପର୍ଯ୍ୟନ୍ତ ସ୍ୱତନ୍ତ୍ର ରେଳଗାଡ଼ିର ବ୍ୟବସ୍ଥା ହୋଇଛି । ଗଙ୍ଗାସାଗର ଯାତ୍ରା ନିଶ୍ଚିତ ଭାବରେ ଆଧ୍ୟାତ୍ମିକ ଭାବନାର ଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା

**ଅଲେଖ ଚନ୍ଦ୍ର ସାମଲ ■**

ଆଜି ଠାରୁ ଅର୍ଥାତ୍ ଜାନୁଆରୀ ୩ ଠାରୁ ୧୧ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା। କଂସ ରାଜାଙ୍କ ରାଜୁତି ଚାଲିବା ସହ ଏଥିପାଇଁ ମଥୁରା ନଗରୀ ପ୍ରସ୍ତୁତ ହୋଇଗଲାଣି। ବରଗଡ଼ ପାଲଟିଯିବ ମଥୁରା ନଗରୀ ଓ ଅମ୍ବାପଲ୍ଲୀ ହୋଇଯିବ ଗୋପପୁର। ଏହି ୧୧ ଦିନ ପର୍ଯ୍ୟନ୍ତ ସମସ୍ତେ ଦ୍ୱାପର ଯୁଗକୁ ଫେରିଯିବେ। ଆଠ କିଲୋମିଟର ପରିଧି ମଧ୍ୟରେ ତିନୋଟି ଦରବାର ଯାହାକୁ ରଙ୍ଗମହଲ, ରାଜ ଦରବାର ଓ ନନ୍ଦରାଜଙ୍କ ଦରବାର କୁହାଯାଏ। ଏହାସହ ଅଠରଟି ମୁକ୍ତାକାଶ ରଙ୍ଗମଞ୍ଚ ମଧ୍ୟ ପ୍ରସ୍ତୁତ ହୋଇଛି। ଏହି ବ୍ୟାପକ କାର୍ଯ୍ୟକ୍ରମ ଭିତରେ ସ୍ଥାନୀୟ ରାମଜୀ ମନ୍ଦିରରେ ଦେବକୀ ଓ ବସୁଦେବଙ୍କ ବିବାହ, ଦୈବ ବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମହାରାଜ କଂସଙ୍କ ସିଂହାସନ ଆରୋହଣ ସହ ଏଗାର ଦିନବ୍ୟାପି କଂସଙ୍କ ରାଜୁତି ଚାଲିବ। ପଶ୍ଚିମ ଓଡ଼ିଶାର ବେଶ୍ ବିଖ୍ୟାତ୍ ଧନୁଯାତ୍ରା ପାଳିତ ହୋଇଥିବା ସମ୍ବଲପୁର ଜିଲ୍ଲାର ବରଗଡ଼ ସହରରେ । ତଥ୍ୟରୁ ଯାହା ଜଣାଯାଏ ଏହା ୧୯୪୮ ମସିହାରୁ ପାଳିତ ହୋଇ ଆସୁଛି । ପୌରାଣିକ କଥାବସ୍ତୁର ପୃଷ୍ଠଭୂମିରେ ଧନୁଯାତ୍ରାର ବିଷୟବସ୍ତୁ ଆଧାରିତ । ଧନୁ ପ୍ରାଚୀନ ଯୁଗରେ କିପରି ଏକ ପ୍ରଚଣ୍ଡ ଶକ୍ତିଧର ଅସ୍ତ୍ର ଥିଲା ତାହା ଦର୍ଶାଇବାକୁ ଯାଇ ଓଡ଼ିଆ କବି ଲେଖିଯାଇଛନ୍ତି - 'କପିଳାସ କନ୍ଦରକୁ ଶବଦ ଶୁଭିଲା, ଭୟେ ଦୁର୍ଗା ଶଙ୍କରଙ୍କୁ କୋଳାଗ୍ରତ କଲା ।' ଚୈତ୍ର ଶୁକ୍ଳ ନବମୀ ଠାରୁ କିଛି ଦିନ ବ୍ୟାପୀ ନବଦିନ, ଚଉଦ ଦିନ ବା ତା ଠାରୁ ବେଶି । ଓଡ଼ିଶାର ସର୍ବତ୍ର ପୁରପଲ୍ଲୀ ଠାରୁ ଆରମ୍ଭ କରି ନଗର ସହରରେ ରାମଲୀଳା ଉତ୍ସବ ପୁରାଣ ପାଠ ଓ ଗୀତାଭିନୟ ପାଳିତ ହୁଏ । ଏହି କ୍ରମରେ ଜନକଙ୍କ ଧନୁଯାତ୍ରା ଅଭିନୀତ ଓ ପାଳିତ ହୁଏ, କିନ୍ତୁ କଂସ ଦ୍ୱାରା ଆୟୋଜିତ ଧନୁଯାତ୍ରା କେବଳ ପଶ୍ଚିମ ଓଡ଼ିଶାରେ ଦୀର୍ଘ ଏକାଦଶ ଦିବସ ବ୍ୟାପୀ ପାଳନ କରାଯାଏ । ପୌଷ ଶୁକ୍ଳ ଚତୁର୍ଥୀ ଠାରୁ ଏହାର ଅୟମାରମ୍ଭ ହୋଇଥାଏ ।

ସୁପ୍ରସିଦ୍ଧ ପୌରାଣିକ କଥାବସ୍ତୁ ଶ୍ରୀକୃଷ୍ଣଙ୍କର ମଥୁର ଲୀଳାର କଂସବଧ ପର୍ଯ୍ୟାୟ ଧନୁଯାତ୍ରାର ମୁଖ୍ୟ ଉପଯୋଗ୍ୟ । ଦେବକୀଙ୍କ ପରିଣୟ ଠାରୁ କଂସ ବଧ ଯାଏ ସମସ୍ତ ଆକର୍ଷଣୀୟ ଦୃଶ୍ୟ ଗୁଡ଼ିକ ବେଶ୍ ନାଟକୀୟ ଓ ମୌଳିକ ରୀତି ସହିତ ପରିବେଶିତ ହୋଇଥାଏ । ସାଧାରଣ ପ୍ରାକୃତିକ ପରିବେଶ ମଧ୍ୟରେ ପୌରାଣିକ ପରିବେଶ ସୃଷ୍ଟି କରି ସେହି ପୁରାଣର ବିଭିନ୍ନ ଦୃଶ୍ୟାବଳୀକୁ ଜୀବନ୍ତ ଭାବରେ ପରିବେଷଣ କରାଯାଇଥାଏ । ପୌଶ ଶୁକ୍ଳ ଚତୁର୍ଥୀ ଠାରୁ ଏହି ମହୋତ୍ସବର ଅୟମାରମ୍ଭ ହୋଇ ଦୀର୍ଘ ଏଗାର ଦିନ ମଧ୍ୟରେ ଗୋପ ଓ ମଥୁରା ଲୀଳାର ବିଭିନ୍ନ ଦୃଶ୍ୟମାନ ପରିବେଷିତ ହୋଇ ପୂର୍ଣ୍ଣିମା ଦିନ କଂସ ବଧ ସହିତ ଉଦ୍‌ଜାପିତ ହୋଇଥାଏ । ବରଗଡ଼ର ହାଟପଦା ପଡ଼ିଆରେ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଥିଲେ ହେଁ ସମଗ୍ର ବରଗଡ଼ ସହର ଯଥାର୍ଥରେ ମଥୁରା ନଗରୀର ଜୀବନ୍ତ ରୂପ ଭାବେ ପ୍ରତୀୟମାନ ହୋଇଥାଏ । ଏଣୁ ଗୋପପୁରର ଭୂମିକା ଏ କ୍ଷେତ୍ରରେ ଉପେକ୍ଷଣୀୟ ନୁହେଁ । ଜିରାନଦୀର ଆର କୂଳରେ ଥିବା ଅମାପାଲି ଗ୍ରାମ ଗୋପପୁରର ଜୀବନ୍ତ ପରିବେଶକୁ ଆଣି ଥୋଇଦିଏ । ବରଗଡ଼ର ସ୍ୱାଭାବିକ ଶୋଭାକୁ ଦ୍ୱିଗୁଣିତ କରି ବହିଯାଉଥିବା କଳନାଦିନୀ ଜିରା ନଦୀ ଏହି ସମୟରେ ହୁଏ ପୁରାଣ ପ୍ରସିଦ୍ଧ ସର୍ବଜନବିଦିତ ଯମୁନା ତଟିନୀ । ଏଠାରେ କାଳୀୟ ଦଳନ ସଂପାଦିତ ହୋଇଥାଏ । ଯାତ୍ରା ପ୍ରାଙ୍ଗଣ ନିକଟସ୍ଥ ଏକ ପୁଷ୍କରିଣୀରେ ନାବକେଳି ଦୃଶ୍ୟ ପ୍ରଦର୍ଶିତ ହୋଇଥାଏ । 'ବସ୍ତ୍ରହରଣ' ଏହି ଯାତ୍ରାକାଳୀନ କୃଷ୍ଣକଥାର ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ । ମୋଟାମୋଟି ଭାବରେ ମଥୁରାନଗରୀ ରୂପେ ସମଗ୍ର ବରଗଡ଼ ସହର ଗୋପପୁର ରୂପେ ଅମାପାଲି, ଅକ୍ରୁରଙ୍କ ଦ୍ୱାରା ଆନିତ କୃଷ୍ଣ (କଂସବଧ ପୂର୍ବଦିନ)ଙ୍କ ରହଣୀ ସ୍ଥାନ (ମାଉସୀଘର) ହିସାବରେ ଗଜୁର୍‌ଟିକ୍‌ରା, ଯମୁନା ରୂପେ 'ଜିରା' ଏ ସମସ୍ତେ ମିଶି ଧୁନଯାତ୍ରାକୁ ପୂର୍ଣ୍ଣାଙ୍ଗ କରିଥାଆନ୍ତି ।

ଧନୁଯାତ୍ରାରେ ସମସ୍ତ ସାଜସଜ୍ଜା ପ୍ରାକୃତିକ ଭାବେ ପ୍ରସ୍ତୁତ ହୋଇଥାଏ । କଂସ ରାଜାଙ୍କ ମନୋରମ ରାଜପ୍ରାସାଦ ଠାରୁ ରାଜଦରବାର, ବନ୍ଦୀଗୃହ ଓ ରାଜୋଦ୍ୟାନ ବେଶ୍ ଚିତାକର୍ଷକ ହୋଇଥାନ୍ତି । ପ୍ରତିଦିନ କଂସ ମହାରାଜ ମର୍ତ୍ତ୍ୟକୁ ଆସି ନିଜ ଦୂତଙ୍କ ଦ୍ୱାରା ଆଦେଶ ପ୍ରଦାନ କରି ମନରଞ୍ଜନ କାର୍ଯ୍ୟକ୍ରମର ଶୁଭପ୍ରଦାନ କରିଥାନ୍ତି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପଶ୍ଚିମ ଓଡ଼ିଶାର ବେଶ ପ୍ରସିଦ୍ଧ ସୁଆଙ୍ଗ, ଦାସକାଠିଆ, ପାଲା ଆଦି ସାଂସ୍କୃତିକ ଓ ସାମାଜିକ ଜୀବନକୁ ପରିବେଷଣ କରିଥାଏ । ଏହି ଧନୁଯାତ୍ରା ସମୟରେ ବରଗଡ଼ବାସୀ ତଥା ବିଶେଷକରି ଅମାପାଲି ନିବାସୀମାନେ ଆମିଷ ଭୋଜନ ସମ୍ପୂର୍ଣ୍ଣ ନିଷେଧ କରିଥାନ୍ତି । କେତେକ ଭକ୍ତ ମାନଙ୍କ ଘରେ ଏହି ସମୟରେ ହୋମ, ପୂଜା ଓ ହରିବଂଶ ପାଠ ହୋଇଥାଏ । ଧନୁଯାତ୍ରା ସମୟରେ କଂସ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତିଙ୍କର ବା କଂସରାଜାଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥାଏ । କଂସମହାରାଜାଙ୍କର ପରାକ୍ରମଶାଳୀ, ବଳଶାଳୀ ଓ ମହାଦର୍ପିଷ୍ଟ ପ୍ରତିଭା ପ୍ରତିଭାତ ହୋଇଥାଏ । କଂସ ମହାରାଜଙ୍କ ଅନ୍ୟ ଚରିତ୍ର ମାନଙ୍କରେ କୃଷ୍ଣ, ଦେବକୀ, ଉଗ୍ରସେନ, ବସୁଦେବ, ପୁତନା, ଅକ୍ରୁର, ଗୋପୀ ପ୍ରଭୃତି ଚରିତ୍ରମାନେ ବେଶ୍ ନିଖୁଣ ଭାବରେ କଳାନୈପୁଣ୍ୟ ପରିବେଷଣ କରିଥାନ୍ତି । ବରଗଡ଼ର ଏହି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସୁପରିଚାଳନା ପାଇଁ ଦୁଇଟି ଧନୁଯାତ୍ରା କମିଟି ପ୍ରତିଷ୍ଠା ହୋଇ ସମସ୍ତ କାର୍ଯ୍ୟ ସମ୍ପାଦିତ କରିଥାନ୍ତି । କୃଷ୍ଣଲୀଳାକୁ ଆଧାର କରି ଏହି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ନିଶ୍ଚିତ ଭାବରେ ଏହାର ଏକ ପ୍ରୋଜ୍ଜ୍ୱଳ ଧାର୍ମିକ ମୂଲ୍ୟବୋଧ ରହିଛି । ଏହି ସମୟ କାଳମଧ୍ୟରେ ଅଗଣିତ ଭକ୍ତ କେବଳ କୃଷ୍ଣ ଓ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଭକ୍ତିରସାତ୍ମକ ଗୀତମାନ ଭାବେଭୋଳ ହେଉଥାନ୍ତି, ଏପରିକି କି ରାମ କୃଷ୍ଣ ରୂପରେ ଉଭା ହୋଇଥିବା ଦିଓଟି ଶିଶୁଙ୍କୁ ଶତ ଶତ ଭକ୍ତଗଣ ସାକ୍ଷାତ ଭଗବାନ ଜ୍ଞାନରେ ବହୁ ଭକ୍ତିକରି ଫୁଲ ଚନ୍ଦନରେ ମଣ୍ଡିତ କରି ଦଣ୍ଡ ପ୍ରଣାମ କରିଥାନ୍ତି । ଧର୍ମ ଜାଗରଣ କରିବା ଦିଗରେ ଧନୁଯାତ୍ରା ଯେ ଏକ ଉଲ୍ଲେଖନୀୟ ଧର୍ମୋତ୍ସବ ଓ ମହୋତ୍ସବ ଏଥିରେ ଦ୍ୱିରୁକ୍ତି ଉଠିନପାରେ । ଧନୁଯାତ୍ରା ଚତୁର୍ଥୀରୁ ଆରମ୍ଭ ହୁଏ ଓ ଏହି କାଳ ମଧ୍ୟରେ ଆମିଷ ଭୋଜନ ନିଷେଧ ହୁଏ । ମହାଭାରତ ମଧ୍ୟ କହେ - 'ଚତୁର୍ଥୀ ଦଶମୀ ଏକାଦଶୀ ଯେ ସପ୍ତମୀ, ଆମିଷ ଭୁଞ୍ଜନ୍ତି ଯେହୁ ଆବର ପଞ୍ଚମୀ ।' - (ଦ୍ରୋଣପର୍ବ) ଧନୁଯାତ୍ରା ଏଣୁ ସମଗ୍ର ହିନ୍ଦୁ ସମାଜର ପ୍ରଧାନ ଯାତ୍ରା । ଏହି ଯାତ୍ରାର ଉଦ୍‌ଯାପନ ହୁଏ ପୌଷପୂର୍ଣ୍ଣିମାରେ । ଠିକ ଏହିଦିନ ପଶ୍ଚିମ ଓଡ଼ିଶାର ଅନ୍ୟ ଏକ ସାମାଜିକ ପର୍ବ ପୁଷ୍‌ପୁନି (ପୌଷପର୍ବ) ମଧ୍ୟ ପାଳିତ ହୁଏ ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ସେଠ୍‌ଙ୍କ ସୁରକ୍ଷାରେ ସରକାର

**ଗୋପାଳ ମହାପାତ୍ର**

ବେ ଦେଶରେ ଆଦାନୀ ଗ୍ରୁପ୍‌କୁ ନେଇ ଚର୍ଚ୍ଚା ଋଲିଛି। ପୁଣିଥରେ ଆଦାନୀଙ୍କ ଇଜ୍ଜତ ଏବଂ ଦେଶର ବେଇଜ୍ଜତକୁ ନେଇ ସଂସଦରେ ମଧ୍ୟ ହଙ୍ଗଗୋଳ ଚାଲିଛି। ପ୍ରଥମେ ହିଣ୍ଡନବର୍ଗ ଆଦାନୀଙ୍କ କମ୍ପାନୀ ଆର୍ଥୀକ ହେରାଫେରି କରିଥିବା ବାବଦରେ ରିପୋର୍ଟ ପ୍ରକାଶ କରିଥିଲା। ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ କମ୍ପାନୀର ଜନୈକ ବରିଷ୍ଠ ଅଧିକାରୀ ଭିଡିଓରେ ଭାରତର ଜାତୀୟ ପତାକା ଧରି କହିଥିଲେ ଯେ ଆଦାନୀଙ୍କୁ ବଦନାମ କରିବାର ଅର୍ଥ ଭାରତକୁ ବଦନାମ କରିବା। ଭାରତ ସରକାର ହିଣ୍ଡେନବର୍ଗର ଅଭିଯୋଗ ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆଦାନୀଙ୍କୁ ସମର୍ଥନ କରିଥିଲେ। ଏବେ ପୁଣି ଏକ ବିବାଦରେ ଫସି ଯାଇଛି ଆଦାନୀଗୃପ୍। ଏବେ ଆମେରିକା ସରାକରଙ୍କ ନ୍ୟାୟ ବିଭାଗ କହିଛି ଯେ ଆଦାନୀଗ୍ରୁପ୍‌ର ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀ ଲାଞ୍ଚ ଦେବାର ଅଭିଯାନ ଚଳାଇଛନ୍ତି। ଦେଶର ସରକାରଙ୍କ ଆଗରେ ଏବେ ଭ୍ରଷ୍ଟାଚାର ଆଉ ପ୍ରସଙ୍ଗ ହୋଇ ରହିନାହିଁ। ବୁଝିବା ମୁସ୍କିଲ୍ ଯେ ଭାରତରେ କୌଣସି ଠିକା କାମ ପାଇବା ପାଇଁ ଭାରତର ଏକ କମ୍ପାନୀ ଭାରତର କେତେକ ରାଜ୍ୟ ବା ଭାରତ ସରକାରଙ୍କ ଅଧିକାରୀଙ୍କୁ ଲାଞ୍ଚ ଦେଲେ ସେ ମାମଲାରେ ଆମେରିକାର ଅଦାଲତ ହସ୍ତକ୍ଷେପ କଲା କାହିଁକି? ଯେତେବେଳେ ଆମକୁ (ଭାରତ ସରକାରଙ୍କୁ) ଏହି ଲାଞ୍ଚ ପ୍ରସଙ୍ଗରେ କୌଣସି ଆପତ୍ତି ବା ଅସୁବିଧା ନାହିଁ ସେତେବେଳେ ଆମେରିକାର ନ୍ୟାୟ ବିଭାଗ ଓ ଆମେରିକାର ଶେୟାର ବଜାର ନିୟାମକ ସଂସ୍ଥାର ଏଥିପାଇଁ ମୁଣ୍ଡବିନ୍ଧା ହେଉଛି କାହିଁକି? ଆଦାନୀଙ୍କ ବିରୁଦ୍ଧରେ ଆମେରିକୀୟ ନ୍ୟାୟ ବିଭାଗର ଗିରଫଦାରୀ ପାଇଁ ନିର୍ଦ୍ଦେଶ ପରେ ଏବେ ସରକାରୀ ଦଳର କେତେକମନ୍ତ୍ରୀ/ ନେତା କହୁଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଆମେରିକା ହସ୍ତକ୍ଷେପ କରୁଛି।

ଆମେରିକାର ନ୍ୟାୟ ବିଭାଗ ଏ ପ୍ରସଙ୍ଗରେ ହସ୍ତକ୍ଷେପ କଲା କାହିଁକି ସେ ବାବଦରେ ମଧ୍ୟ ଜାଣିବା କଥା। ଆଦାନୀଙ୍କ ପାଖାପାଖି ୭୫ ପ୍ରତିଶତ ଶେୟାର ବା ଶଂଶଧନ ତାଙ୍କ ପରିବାର ପାଖରେ ରହିଛି। ବାକି ୨୫ ପ୍ରତିଶତ ବା ତାଠାରୁ କିଛି ଅଧିକ ଶଂଶଧନ ବିଦେଶୀ ନିବେଶକ କମ୍ପାନୀଙ୍କ ପାଖରେ ରହିଛି। ହିଣ୍ଡନବର୍ଗ ରିପୋର୍ଟ ଅନୁସାରେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ଆଦାନୀ କମ୍ପାନୀ ତାଙ୍କ ଅଂଶଧନର ମୂଲ୍ୟ ବଢ଼ାଇଥିଲେ। ଆଦାନୀ କମ୍ପାନୀରେ ଅଧିକ ପୁଁ ନିବେଶ କରିଥିବା ଆମେରିକୀୟ କମ୍ପାନୀ ହେଉଛି ଜିକ୍ୟୁଜି ପାଟନର୍ସ। ଏହି କମ୍ପାନୀ ୯.୭ ବିଲିୟନ ଡ଼ଲାର ନିବେଶ କରିଛି ଯାହା ଆଦାନୀଙ୍କ ସମୁଦାୟ ନିଜସ୍ୱ ନିବେଶର ୬.୧ ପ୍ରତିଶତ ଅଟେ। ଆମେରିକାରେ ଏକ ଆଇନ ଅଛି ଯାହାକୁ ଫରେନ କରପ୍ଟ ପ୍ରାକ୍ଟିସ ଆକ୍ଟ କୁହାଯାଏ। ଆମେରିକୀୟ କମ୍ପାନୀ ମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଏହି ଆଇନ୍‌ରେ କୁହାଯାଇଛି ଯେ ଆମେରିକାର ପୁଁ (ନିବେଶ) ଅନ୍ୟ ଦେଶରେ ଭ୍ରଷ୍ଟାଚାର ପାଇଁ ବ୍ୟବହାର କରାଯିବା ଆଇନଗତ ଅପରାଧ। ଏକଥା ମଧ୍ୟ ପ୍ରଶ୍ନ ଉଠିପାରେ ଯେ ଆମେରିକୀୟ କମ୍ପାନୀଙ୍କ ପାଇଁ ପ୍ରଣୀତ ଏହି ଆଇନ ଅନୁସାରେ ଆଦାନୀ ପରିବାରର କାହା ବିରୁଦ୍ଧରେ ଆମେରିକାର ନ୍ୟାୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ କେମିତି? ଏପ୍ରସଙ୍ଗରେ ଆମ ଦେଶର କିଛି ନାମୀଦାମୀ ଓକିଲ ମଧ୍ୟ ଆଦାନୀଙ୍କ ସପକ୍ଷରେ ଗଣମାଧମରେ ବିବୃତ୍ତି ଦେଲେଣି। ଏମାନଙ୍କ ମତରେ ଆଦାନୀଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ସପୁର୍ଣ୍ଣ ଭିତ୍ତିହୀନ। ଆଦାନୀ ଗୃପ୍, ଭାରତ ସରକାର ଏବଂ ଭାରତର କିଛି ଜାତୀୟ ସ୍ତରର ଗଣମାଧମ ଆଦାନୀଙ୍କ ସପକ୍ଷରେ ରାୟ ଶୁଣାଇ ସାରିଲେଣି ଏବଂ କହିସାରିଲେଣି ଯେ ସବୁଠିକ୍ ଅଛି।

ଏସବୁ ସ୍ୱଷ୍ଟିକରଣକୁ ଯଦି ଆମେରିକାର ନ୍ୟାୟ ବିଭାଗ ଗ୍ରହଣ କରିଥିଲେ ହୁଏତ ଘଟଣାର ଅନ୍ତ ହୋଇଥାନ୍ତା। କିନ୍ତୁ ଏମିତି ହୋଇନାହିଁ। ଆମେରିକାର ନ୍ୟାୟ ବିଭାଗଙ୍କ ଆଦେଶପରେ କେନିଆ ସରକାର ଆଦାନୀ ଗୃପ୍ ସହ କରିଥିବା କେତେକ ଠିକା କାମର ଚୁକ୍ତିକୁ ରଦ୍ଦ କରିଦେଇଛନ୍ତି। ଶ୍ରୀଲଙ୍କାର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଆଦାନୀଙ୍କ ସହ ବନ୍ଦର ଏବଂ ପବନ ଚାଳିତ ବୁଦ୍ୟୁତ୍ ଉତ୍ପାଦନ ପାଇଁ ଯେଉଁ ଚୁକ୍ତ କରାଯାଇଥିଲା ତାର ପୁନଃ ସମୀକ୍ଷା କରାଯିବ। ବଙ୍ଗଳାଦେଶର ମଧ୍ୟବର୍ତ୍ତୀ କାଳୀନ ସରକାର ମଧ୍ୟ ଏକ କମିଟି ଗଠନ କରିଛନ୍ତି ଓ କମିଟି ଶେଖ ହସିନା ସରକାର ଆଦାନୀ ସହ କରିଥିବା ସମସ୍ତ ପ୍ରକଳ୍ପ ବାବଦ ଚୁକ୍ତି ର ତଦନ୍ତ କରିବ। ସେହିପରି ଫ୍ରାନ୍ସ ଏବଂ ଜର୍ମାନୀ ଭଳି ଦେଶ ମାନଙ୍କ ପକ୍ଷରୁ କୁହାଯାଇଛି ଯେ ସେମାନେ ଆଦାନୀ କମ୍ପାନୀ ସହ ପୁଁନିବେଶ କରିବା ପ୍ରସଙ୍ଗକୁ ନେଇ ପୁନଃ ବିଚାର କରିବେ। ଆଦାନୀ ଏବଂ ତାଙ୍କ ସହଯୋଗୀ ଆମେରିକୀୟ କମ୍ପାନୀ ଭାରତର କେତେକ ରାଜ୍ୟର ସରକାରଙ୍କୁ କାମ ପାଇବା ପାଇଁ ପାଖାପାଖି ୨୨୦୦ କୋଟି ଟଙ୍କାର ଲାଞ୍ଚ ଦେଇଥିବାର ଅଭିଯୋଗ ଉଠିଛି। ଲାଞ୍ଚ ନେଇଥିବା ରାଜ୍ୟ ମାନଙ୍କ ମଧ୍ୟରେ ଅଛନ୍ତି ତାମିଲନାଡୁ, ଛତିଶଗଡ଼, ଜାମ୍ମୁକାଶ୍ମୀର, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ। ଆନ୍ଧ୍ରପ୍ରଦେଶର ସରକାରଙ୍କୁ ୨୦୨୧ରୁ୨୩ ମଧ୍ୟରେ ୧୭୦୦ କୋଟି ଟଙ୍କା ଲାଞ୍ଚ ଦେଇଥିବାର ଅଭିଯୋଗ ରହିଛି। ଏନ୍‌ଡିଏ ମେଣ୍ଟରେ ଥିବା ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବେ ଏ ପ୍ରସଙ୍ଗର ଯାଞ୍ଚ କରୁଛନ୍ତି।

୨୦୨୩ ମସିହା ଜାନୁୟାରୀ ମାସରେ ହିଣ୍ଡନବର୍ଗ ପ୍ରକାଶ କରିଥିବା ରିପୋର୍ଟରେ ଆଦାନୀଙ୍କ ବିରୁଦ୍ଧରେ 'କର୍ପୋରେଟ ଇତିହାସରେ ସବୁଠାରୁ ବଡ଼ ଦୁର୍ନୀତି' ବାବଦରେ ଉଲ୍ଲେଖ କରାଯାଇଥିଲା। ହିଣ୍ଡନବର୍ଗ ରିପୋର୍ଟ ପ୍ରକାଶ ପରେ ଏ ପ୍ରସଙ୍ଗ ସୁପ୍ରିମ୍ କୋର୍ଟରେ ପହଞ୍ଚିଥିଲା ଓ ମାନ୍ୟବର କୋର୍ଟ ସେବିଙ୍କୁ ଘଟଣାର ତଦ' ଦାୟିତ୍ୱ ଦେଇଥିଲେ। କିନ୍ତୁ ସେବି ମୁଖ୍ୟ ତଥା ବିବାଦୀୟ ହୋଇପଡିଥିବା ମାଧବୀ ବୁଚ ଆଦାନୀଙ୍କୁ କ୍ଲିନଚିଟ ଦେଇଥିଲେ। ୨୦୨୪ ମସିହା ଅଗଷ୍ଟ ମାସରେ ହିଣ୍ଡନଗର୍ବ ପକ୍ଷରୁ ପୁନଃ ଏକ ସମ୍ବେଦନଶୀଳ ରିପୋର୍ଟ ପ୍ରକାଶ ପାଇଥିଲା ଓ ରିପୋର୍ଟରେ ସେବି ମୁଖ୍ୟ ମାଧବୀ ବୁଚ ଆଦାନୀ କମ୍ପାନୀରେ ପୁଁ ନିବେଶ କରିଥିବା ଉଲ୍ଲେଖ କରାଯାଇଥିଲା। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଆଧାରରେ କେନ୍ଦ୍ର ସରକାର ମାଧବୀ ବୁଚଙ୍କୁ ସେବିର ଅଧ୍ୟକ୍ଷ ପଦରୁ ହଟାଇପାରିଥାନ୍ତେ ଏବଂ ଘଟଣାର ତଦନ୍ତ ମଧ୍ୟ କରାଇ ପାରିଥାନ୍ତେ କିନ୍ତୁ କଲେନାହିଁ ଏମିତି ଅନେକ ସମୟରେ ରାଷ୍ଟ୍ରୀୟ ପ୍ରସଙ୍ଗକୁ ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ଦେଇ ନିଜଆଡୁ ବିଚାର ପାଇଁ ନିଷ୍ପତ୍ତି ନେଇଡାନ୍ତି କିନ୍ତୁ ମାନ୍ୟବର କୋର୍ଟ ମଧ୍ୟ ନୀରବ ରହିଥିଲେ।

ଆମେରିକାର ନିୟାମକ ସଂସ୍ଥା ଅଭିଯୋଗ କରିଛିଯେ ଆମେରିକାରେ ଆଦାନୀ ଗୃପ୍‌ର ଅଧିକାରୀଙ୍କ ବିରୁଦ୍ଧରେ କରାଯାଇଥିବା ରେଡ୍(ଚଢଉ) ସମ୍ପର୍କରେ ଆଦାନୀଗୃପ୍ ସେବିକୁ କୌଣସି ତଥ୍ୟ ଦେଇନାହିଁ। ଆନ୍ତର୍ଯାତୀୟ ଓ ଜାତୀୟ ସ୍ତରର ଗଣ ମାଧମରେ ଏହି ଚଢଉ ସମ୍ପର୍କରେ ସମ୍ବାଦ ପ୍ରକାଶ ପାଇଥିଲେ ମଧ୍ୟ ସେବି ତାକୁ ଗୁରୁତ୍ୱ ଦେଇଥିଲା ଏପ୍ରସଙ୍ଗରେ ସରକାର ଓ ସେବି କାହିଁକି ପଦକ୍ଷେପ ନେଲେନାହିଁ ସେକଥାରୁ ସ୍ୱଷ୍ଟ ଯେ ସମସ୍ତେ ଆଦାନୀଙ୍କୁ ସୁରକ୍ଷା ଦେବାର ଚିନ୍ତାରେ ଅଛନ୍ତି। ବିଶ୍ୱସ୍ତରରେ ଭାରତୀୟ ଶେୟାର ବଜାରର ମହତ୍ୱ ରହିଛି। ସେବି ମଧ୍ୟ ଏକ ଗୁରୁତ୍ୱପୁର୍ଣ୍ଣ ସଂସ୍ଥାନ। ଏକଥା ସତ୍ୟ ଯେ ଦୁର୍ନୀତି ସବୁଠି ହେଉଛି, କିନ୍ତୁ ଦୁର୍ନୀତି ପ୍ରସଙ୍ଗରେ ଜଣାପଡିବା ପରେ ସେବି ପଦକ୍ଷେପ ନନେବାର ଅର୍ଥ କ'ଣ? ହିଣ୍ଡେନବର୍ଗ ରିପୋର୍ଟ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସେବିକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସେବି କୋର୍ଟକୁ ତାଙ୍କ ରିପୋର୍ଟ ମାଧ୍ୟମରେ ଜଣାଇଥିଲେ ଯେ ଆଦାନୀଙ୍କ କମ୍ପାନୀ ବିଶ୍ୱର ଅନେକ ଦେଶରେ ପୁଁ ନିବେଶ କରିଥିବାରୁ ସେସବୁ ବାବଦରେ କୌଣସି ତଥ୍ୟ ମିଳୁନାହିଁ। ଯଦି ସେବି ତଥ୍ୟ ସଂଗ୍ରହ କରିପାରୁନାହିଁ ତେବେ ସେଭଳି ସଂସ୍ଥାର ଆବଶ୍ୟକତା କ'ଣ ବୋଲି କେହି ମଧ୍ୟ ପ୍ରଶ୍ନ କଲେ ନାହିଁ।

ଏହି ଲାଞ୍ଚ କାରବାରର କେନ୍ଦ୍ର ବା ତାଲିକାରେ ଭାରତୀୟ ସୌର ଶକ୍ତି ନିଗମ ରହିଛି। ଏହି ନିଗମ କ'ଣ ଏହି ଟେଣ୍ଡରର ବ୍ୟବହାରିକତାର ତଦନ୍ତ କରିନାହିଁ? ନିଗମ ମହଙ୍ଗା ବିଦ୍ୟୁତ୍‌ର ବୋଝ ଜନତାଙ୍କ ଉପରେ ଲଦିଦେବା ପାଇଁ ଉଚିତ୍‌ଭାବିଲା କେମିତି? କେତେକ ରାଜ୍ୟ ଆଦାନୀ ଏବଂ ଆମେରିକୀୟ କମ୍ପାନୀ ଅଦୁର ଠାରୁ ମହଙ୍ଗା ସୌରଶକ୍ତି କିଣିବା ପାଇଁ ମନା କରିବା ପରେ ଲାଞ୍ଚ ପ୍ରସଙ୍ଗକୁ କାର୍ଯ୍ୟକାରୀ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଆମେରିକୀୟ ନିବେଶକଙ୍କୁ ଏବାବଦରେ ଜଣାପଡିବା ପରେ ଆମେରିକୀୟ ଆଇନ୍ ଫରେନ୍ କରପ୍ଟ ପ୍ରାକଟିସ ଆକ୍ଟ ଅନୁସାରେ ଆଦାନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିଁ୍ତୁ ଏସବୁ ପରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଭାରତ ସରକାର ଏସବୁ ବାବଦରେ ତଦନ୍ତ କରୁନାହାଁନ୍ତି କାହିଁକି? ଏଥିରୁ ସ୍ୱଷ୍ଟ ଯେ ସରକାର ଆଦାନୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯାହା ଅଭିଯୋଗ କରୁଛନ୍ତି ସତ୍ୟ ବୋଲି ଜଣାପଡୁଛି। ଏହା ଦେଶ ପାଇଁ ଯେମିତି ଆଗାମୀ ଦିନରେ ସଙ୍କଟ ସୃଷ୍ଟି ନକରେ ସେକଥା ସରକାର ଚିନ୍ତା କରିବା ଦରକାର। ଆଦାନୀ ପ୍ରସଙ୍ଗରେ ଯେତେ ସ୍ୱଷ୍ଟିକରଣ ଦିଆଯାଉ ନା କାହିଁକି ଏହା ଏକ ଚେତାବନୀ ନିଶ୍ଚୟ ଏବଂ ଏହା ଦେଶକୁ ଓ ଆମକୁ କେତେ ପ୍ରଭାବିତ କରୁଛି ସେକଥା ଦେଖିବା ଆବଶ୍ୟକ। ମୋଟାମୋଟି ଭାବେ ଗୋଟିଏ କଥା ସ୍ୱଷ୍ଟ ଯେ ସରକାର ଏବେ ସେଠ୍‌ଙ୍କ ସୁରକ୍ଷାକୁ ଆଗ୍ରାଧିକାର ଦେଉଛନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ବର୍ଷାଙ୍କୁ ମଞ୍ଚ ଆହ୍ୱାନ କଲେ ଅନୁଭବ

ଓଡ଼ିଶାର ସିନେମା ହଲ୍‌ରେ ଏବେ ପ୍ରଦର୍ଶୀତ ହେଉଥିବା ଫିଲ୍ମ ୱାଇଫ୍ ସତ ଘଟଣା ଉପରେ ଆଧାରିତ ନା କାଳ୍ପନିକ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏବେ ମୁହଁ ଖୋଲିଛନ୍ତି ଓଲିଉଡ ସୁପର ଷ୍ଟାର ଅନୁଭବ ମହାନ୍ତି। ବିବାହ ତଥା ଦାମ୍ପତ୍ୟ ଜୀବନ ପରି ସମ୍ପର୍କକୁ ଅତି ମିଛ ତଥା ମନଗଢ଼ା ଭାବେ ପରଦାରେ ଦେଖାଉଥିବା ଅଭିଯୋଗ ଆଣି ବର୍ଷାଙ୍କ ଉପରେ ବର୍ଷିଛନ୍ତି ଅନୁଭବ ।ଏପରିକି ବର୍ଷାଙ୍କ ସହ ଖୋଲାଖୋଲି ବିତର୍କ କରିବାକୁ ପ୍ରସ୍ତୁତ ବୋଲି ବି କହିଛନ୍ତି। ଏଥିପାଇଁ ତୁମେ ଚ୍ୟାନେଲ ଓ ଫର୍ମାଟ ବାଛ, ମୁଁ ସେଠାରେ ପହଞ୍ଚି ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ବୋଲି ନିଜ ଫେସବୁକ୍‌ରେ ପୋଷ୍ଟ କରିଛନ୍ତି ଚିରିଙ୍ଗ ବୟ ଅନୁଭବ ମହାନ୍ତି।

ବର୍ଷାଙ୍କ ଅଭିନୀତି ଫିଲ୍ମ ୱାଇଫ୍ କିଛି ଦିନ ତଳେ ମୁକ୍ତିଲାଭ କରିଥିବା ବେଳେ ଏବେ ତାହା ସିନେମା ହଲ୍‌ରେ ପ୍ରଦର୍ଶୀତ ହେଉଛି। ବର୍ଷା ଏହି ଫିଲ୍ମର ସହ-ପ୍ରଯୋଜିକା ଅଛନ୍ତି। ଅନୁଭବ-ବର୍ଷାଙ୍କ ବୈବାହିକ ଜୀବନକୁ ନେଇ ଏହି ଫିଲ୍ମ ନିର୍ମାଣ କରାଯାଇଥିବା ଆଲୋଚିତ ହେଉଥିବା ବେଳେ ଏହାକୁ ନେଇ ଫାୟାର ହୋଇଛନ୍ତି ଅନୁଭବ।





ଫେସବୁକ୍‌ରେ ନିଜ ପୋଷ୍ଟରେ ଅନୁଭବ ଉଲ୍ଲେଖ କରିଛନ୍ତି, ବର୍ଷାଙ୍କ ସହ ଚାଲିଥିବା ବିଚ୍ଛେଦ ମାମଲାକୁ ପ୍ରାୟ ବର୍ଷେ ପୂର୍ବେ ମୁଁ ଜିତି ସାରିଛି ବର୍ଷା କେବେ ବି ବିବାହ ପରି ପବିତ୍ର ଅନୁଷ୍ଠାନକୁ ସମ୍ମାନ ଦେଇ ନ ଥିବା ବେଳେ ଶାରୀରିକ ସମ୍ପର୍କ ରଖିବାକୁ ଅନୁମତି ଦେଇ ନ ଥିଲେ ତାଙ୍କର ଏପରି କ୍ରୁର ଆଚରଣ ତଥ୍ୟ, ପ୍ରମାଣ ସହ କୋର୍ଟରେ ପ୍ରମାଣିତ ହେବା ପରେ ମୁଁ ଆଇନଗତ ଲଢ଼େଇ ଜିତି ସାରିଛି।

ମାତ୍ର ଏହାର ମିଥ୍ୟା ଅପପ୍ରଚାର କରାଯାଇ ବଡ଼ ପରଦାରେ ପରିବେଷଣ କରାଯାଉଛି ଫଳରେ ଲୋକଙ୍କ ମନରେ ଆମ ବୈବାହିକ ଜୀବନକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଆମେ ଉଭୟ ଜଣାଶୁଣା ଚେହେରା ହୋଇଥିବାରୁ ତଥା ଫ୍ୟାନ୍ ଫଲୋଇଙ୍ଗ ଥିବାରୁ ଆମେ ସେମାନଙ୍କ ନିକଟରେ ଉତ୍ତରଦାୟୀ।

ତେଣୁ ଲୋକଙ୍କ ମନରେ ଥିବା ସମସ୍ତ ଭ୍ରାନ୍ତି ଧାରଣା ଓ ପ୍ରଶ୍ନକୁ ଦୂର କରିବାକୁ ଏବଂ ନିଜ ପକ୍ଷ ରଖିବାକୁ ମୁଁ ବର୍ଷାଙ୍କ ସହ ଖୋଲା ମଞ୍ଚରେ ଆଲୋଚନା କରିବାକୁ ପ୍ରସ୍ତୁତ ଫଳରେ ଆମେ ଉଭୟ ନିଜ ନିଜ ପକ୍ଷ ରଖିବାକୁ ସୁଯୋଗ ପାଇବୁ। ଏଥିପାଇଁ ଜାଗା, ଚ୍ୟାନେଲ, ଫର୍ମାଟ ବାଛିବାକୁ ମୁଁ ତାଙ୍କୁ ଅନୁରୋଧ କରୁଥିବା ବେଳେ ଠିକ୍ ସମୟରେ ମୁଁ ଉପସ୍ଥିତ ରହିବି ବୋଲି ପ୍ରତିଶ୍ରୁତି ଦେଉଛି। କାରଣ ଏହି ଅଧ୍ୟାୟକୁ ମୁଁ ସବୁଦିନ ପାଇଁ ବନ୍ଦ କରିଦେବାକୁ ଚାହେଁ।

ଯେହେତୁ ସବୁକିଛି ଲୋକଙ୍କ ସମ୍ମୁଖରେ ଘଟୁଛି, ବର୍ଷା ଏହି ପ୍ରଶ୍ନର ଉତ୍ତର ଖୁବ୍ ଶୀଘ୍ର ଦେବା ସହ ଆଲୋଚନା ପାଇଁ ଚ୍ୟାନେଲ ବାଛିବେ ବୋଲି ମୁଁ ଆଶା କରୁଛି। ମୁଁ ଉତ୍ତର ଅପେକ୍ଷାରେ ରହିଲି ବୋଲି ନିଜ ସୋଶାଲ ମିଡିଆ। ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଅନୁଭବ।

## ଫାଇନାଲ୍ ଖେଳିବେ ଅଷ୍ଟ୍ରେଲିଆ- ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ,୬।୧ : ସିଡ୍‌ନିରେ ଖେଳାଯାଇଥିବା ବର୍ଡର ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ। ଭାରତକୁ ୬ ୱିକେଟରେ ପରାସ୍ତ କରିଛି। ଏହି ପରାଜୟ ସହ ଟିମ୍ ଇଣ୍ଡିଆର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିବା ଆଶା ଧୂଳିସାତ ହୋଇଯାଇଛି । ୧୦ ବର୍ଷ ପରେ ବର୍ଡର ଗାଭାସ୍କର ଟ୍ରଫି ହାତେଇଥିବା ଅଷ୍ଟ୍ରେଲିଆ। ଡବ୍ଲ୍ୟୁଟିସି ୨୦୨୫ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ବର୍ଡର ଗାଭାସ୍କର ଟ୍ରଫିରେ ପରାଜିତ ହେବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ୍ ଦୌଡ଼ରୁ ବାଦ ପଡ଼ିଛି ଟିମ୍ ଇଣ୍ଡିଆ। ଦଳକୁ ଏହି ରେସରେ ରହିବା ପାଇଁ ସିଡନି ଟେଷ୍ଟ ଜିତିବାର ଆବଶ୍ୟକତା ଥିଲା। ହେଲେ ଭାରତ ତାହା କରିବାରେ ବିଫଳ ହୋଇଛି। ଟିମ୍ ଇଣ୍ଡିଆ ବାଦ୍ ପଡ଼ିବା ପରେ ବିଶ୍ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୩-୨୫ ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ। ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ ବୋଲି ସ୍ପଷ୍ଟ ହୋଇଯାଇଛି।

# ଦିନିକିଆ ଖେଳିବେ ରୋହିତ, କୋହଲି

ନୂଆଦିଲ୍ଲୀ,୬।୧ : ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମାଙ୍କ ଟେଷ୍ଟ କ୍ୟାରିୟରକୁ ନେଇ ବିତର୍କ ଚାଲିଛ ସତ। କିନ୍ତୁ ଉଭୟ ଦିନିକିଆରେ ଏବେ ବି ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। କିଛି ଦିନ ତଳେ ଖବର ପ୍ରକାଶ ପାଇଥିଲା ଯେ ଚୟନକର୍ତ୍ତା ବିରାଟ ଓ ରୋହିତଙ୍କୁ ଇଂଲଣ୍ଡ ବିପକ୍ଷ ୩ ଟିକିଆ। ଦିନିକିଆ। ସିରିଜରେ ସାମିଲ କରିବେ ନାହିଁ। କିନ୍ତୁ ଏବେ ସ୍ପଷ୍ଟ ହୋଇଛି ଯେ ବିରାଟ ଓ ରୋହିତଙ୍କୁ ବିସିସିଆଇ ଦିନିକିଆ। ସିରିଜ ଖେଳିବାକୁ ପରାମର୍ଶ ଦେଇଛି ।ଉଭୟଙ୍କୁ ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରେ ଚୟନ କମିଟି ସାମିଲ କରିବ ବୋଲି ଜଣାପଡ଼ିଛି।



ତେବେ ପିଠି ଯନ୍ତ୍ରଣାରେ ପଡ଼ିଥିବା ସ୍ପିଡଷ୍ଟର ଯଶପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷ ସିରିଜ ଆଦୌ ଖେଳିବେ ନାହିଁ। ସେ ସିଧାସଳଖ ଚାମ୍ପିୟନ୍ସ ଟ୍ରଫିରେ ନଜର ଆସିବେ। ତାଙ୍କ ଉପରେ ଚାପ ହ୍ରାସ କରିବା ଓ ଫିଟ ରଖିବା ଉଦ୍ଦେଶ୍ୟରେ ବିସିସିଆଇ ଏପରି ନିଷ୍ପତ୍ତି ନେଇଛି।

ଜାନୁଆରୀ ୨୨ରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ଟି-୨୦ ଓ ଦିନିକିଆ। ସିରିଜ ପୂର୍ବରୁ ଭାରତକୁ ବଡ଼ଝଟକା ଲାଗିଛି ।ଦଳର ଷ୍ଟାର ବୋଲର ଯଶପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ନ ଖେଳି ପାରନ୍ତି ଆଗକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଥିବାରୁ ଭାରତୀୟ ଟିମ ମ୍ୟାନେଜମେଣ୍ଟ ବୁମ୍ରାଙ୍କୁ ଯଥା ସମ୍ଭବ ବିଶ୍ରାମ ଦେବାକୁ ଚାହୁଁଛି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍‌ରେ ବୁମରା ପିଠି ଜନିତ ସମସ୍ୟାରେ ପଡ଼ିଥିଲେ। ଏଥିପାଇଁ ସେ ଦ୍ୱିତୀୟ ଇନିଂସରେ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ। ତାଙ୍କ ଆହତ ସମସ୍ୟା କେତେ ଗୁରୁତର, ସେକଥା ସ୍ପଷ୍ଟ ହୋଇନି। କିନ୍ତୁ ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳକୁ ଯେମିତି ବୁମ୍ରା ଫିଟ ଥିବେ, ତା ଉପରେ ବିସିସିଆଇ ଅଧିକ ଫୋକସ କରୁଛି ତେଣୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜରେ ବିଶ୍ରାମ ମିଳିପାରେ।

ନିକଟରେ ଶେଷ ହୋଇଥିବା ବିଜିଟିରେ ବୁମରା ଦମଦାର ପ୍ରଦର୍ଶନ କରିଥିଲେ ଭାରତ ୧-୩ରେ ସିରିଜ ହାରିଥିଲେ ହେଁ ବୁମ୍ରା ଏକାକୀ ୩୨ଟି ୱିକେଟ ନେଇଥିଲେ। ୩୦ ବର୍ଷୀୟ ବୁମ୍ରା ଉକ୍ତ ସିରିଜରେ ୧୫୦ରୁ ଅଧିକ ଓଭର ବୋଲିଂ କରିଛନ୍ତି।

ସିରିଜରେ ବୁମ୍ରାଙ୍କ ଉପରେ ପୂରା ଟିମ ଅଧିକ ନିର୍ଭରଶୀଳ ଥିଲା। ସେ ଲମ୍ବାଲମ୍ବା ସ୍ପେଲ ମଧ ବୋଲିଂ କରିଥିଲେ ଏଥିଯୋଗୁ ସେ ଶେଷ ଟେଷ୍ଟ ବେଳକୁ ପିଠି ଜନିତ ସମସ୍ୟାରେ ପଡ଼ିଥିଲେ। ହେଲେ ବିସିସିଆଇ ଓ ଟିମ ମ୍ୟାନେଜମେଣ୍ଟ ବୁମ୍ରାଙ୍କୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳକୁ ଫିଟ ଦେଖିବାକୁ ଚାହୁଁଛି। ଭାରତ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ନିଜର ଚାମ୍ପିୟନ୍ସ ଟ୍ରଫି ଅଭିଯାନ ଆରମ୍ଭ କରିବ। ଯଦି ବୁମ୍ରାଙ୍କ ଆହତ ସମସ୍ୟା ଗ୍ରେଡ ୧ ବର୍ଗରେ ରହିବ, ତାହେଲେ ତାଙ୍କୁ ଠିକ ହୋଇ ପଡ଼ିଆକୁ ଫେରିବା ପାଇଁ ପ୍ରାୟ ୨ରୁ ୩ ସପ୍ତାହ ଲାଗିବ ସମସ୍ୟା ଗ୍ରେଡ ୨ରେ ହେଲେ ୬ ସପ୍ତାହ ଓ ଗ୍ରେଡ ୩ ହୋଇଥିଲେ। ୩ରୁ ଅଧିକ ମାସ ପରେ ଜଣେ ଖେଳାଳି ମ୍ୟାଚ୍ ଖେଳି ପାରିବେ। ୨୦୨୫ ଟି-୨୦ ବିଶ୍ୱକପର ବର୍ଷ ନୁହେଁ ତେଣୁ ବୁମ୍ରା ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଖେଳିବେ ନାହିଁ। କିନ୍ତୁ ଆଗକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଥିବାରୁ ସେ ଇଂଲଣ୍ଡ ବିପକ୍ଷ ୩ଟି ଦିନିକିଆରୁ ୨ଟି ଖେଳି ପାରନ୍ତି।

ଜାତୀୟ ଗଣମାଧମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଉଭୟ ରୋହିତ ଓ କୋହଲିଙ୍କୁ ଫେବୃଆରୀ ୬ରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ୩ ଟିକିଆ। ଦିନିକିଆ ସିରିଜରେ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଭାରତ ଦିନିକିଆରେ ଏହି ଗୋଟିଏ ମାତ୍ର ସିରିଜ ଖେଳିବ। ତେଣୁ ଉଭୟ ବିରାଟ ଓ କୋହଲିଙ୍କୁ ଏହି ସିରିଜରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି।

ଭାରତ ଫେବୃଆରୀ ୬ରେ ନାଗପୁରରେ ପ୍ରଥମ ଦିନିକିଅର ଖେଳିବାକୁ ଥିବା ବେଳେ କଟକରେ ଦ୍ୱିତୀୟ ମ୍ୟାଚ୍(୯ ଫେବୃଆରୀ) ହେବ। ସେହିପରି ଶେଷ ମ୍ୟାଚ୍ ଅହମଦାବାଦରେ ଫେବୃଆରୀ ୧୨ରେ ଖେଳାଯିବ। ଏହାପୂର୍ବରୁ ଭାରତ ଓ ଇଂଲଣ୍ଡ ଜାନୁଆରୀ ୨୨ରୁ ୫ ଟିକିଆ। ଟି-୨୦ ମ୍ୟାଚ୍ ଖେଳିବେ।

### ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନଶିପ୍

## ପ୍ରତିନିଧି କରି ଫେରିଲେ କନ୍ଧମାଳର ପ୍ରୀତମ ପ୍ରଧାନ

ରାଇକିଆ,୬।୧ : ନେପାଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନଶିପ୍‌ରେ ଭାରତ ତରଫରୁ ପ୍ରତିନିଧି କରି ଫେରିଛନ୍ତି କନ୍ଧମାଳ ଜିଲା ରାଇକିଆର ପ୍ରୀତମ ପ୍ରଧାନ। ସୋମବାର ଭବ୍ୟ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା ମଧ୍ୟମରେ ପ୍ରୀତମଙ୍କୁ ସ୍ୱାଗତ କରାଯାଇଛି ନେପାଳରେ ଡିସେମ୍ବର ୨୦ରୁ ଜାନୁଆରୀ ୨ ମଧ୍ୟରେ ଅନ୍ତର୍ଜାତୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଦଳ ବିଜୟୀ ହୋଇଥିଲେ ରାଇକିଆ। ଅଞ୍ଚଳରୁ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାରେ ପ୍ରୀତମ ପ୍ରତିନିଧି କରିଥିବାରୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ବିଭିନ୍ନ ସଙ୍ଗଠନ ତରଫରୁ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

## ଫାଇନାଲରେ ଇଲେଭେନ ଷ୍ଟାର, ଯାଜପୁର



ଯାଜପୁର,୬।୧ : ଯାଜପୁର ସହରର କୁସୁମା ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ, କଟକ ଓ ଇଲେଭେନ ଷ୍ଟାର, ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର, ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନିଅନ୍ ସ୍ପୋର୍ଟିଂ, କଟକ ନିର୍ଦ୍ଧାରିତ ୩୦ଓଭର ମଧ୍ୟରୁ ୨୯.୫ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜ୍ୟୋତି ରଞ୍ଜନ ଦଳାଇ ୪୦ ରନ୍ ସଂଗ୍ରହ କରିଥିବା ବେଳେ ବିନାୟକ ସାହୁ ୩୦ରନ୍ ସଂଗ୍ରହ କରିଥିଲେ । ଇଲେଭେନ ଷ୍ଟାର, ଯାଜପୁର ର ବୋଲର ସାନ୍ତନୁ ଦାସ ୫ ଓଭର ବୋଲିଂ କରି ୪୩ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ରଜନୀକାନ୍ତ ଦାସ ୬ଓଭର ବୋଲିଂ କରି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଇଲେଭେନ ଷ୍ଟାର, ଯାଜପୁର ୨୨.୧ ଓଭର ଖେଳି ୪ ଉଇକେଟ୍ ହରାଇ ୧୮୩ ରନ୍ ସଂଗ୍ରହ କରି ୟୁନିଅନ ସ୍ପୋର୍ଟିଂ, କଟକକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଦଳ ପକ୍ଷରୁ ଅମିନ ଇକବାଲ ଖାନ୍ ୧୦୫ରନ୍ ସଂଗ୍ରହ କରି ଅପରାଜିତ ଥିବା ବେଳେ, ଶାନ୍ତନୁ ଦାସ ୬୮ରନ୍ ସଂଗ୍ରହ କରିଥିଲେ। ଆଜିର ଏହି ମ୍ୟାଚରେ ଇଲେଭେନ ଷ୍ଟାର, ଯାଜପୁର ର ଶାନ୍ତନୁ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଯାଜପୁର ସହର ର ଡ଼ିଜିଟାଲ ୱାର୍ଲ୍ଡର ମାଲିକ ତଥା ମେଲବୋର୍ଣ୍ଣ କ୍ରିକେଟ ଟିମ୍ ପୂର୍ବତନ ବରିଷ୍ଠ କ୍ରିକେଟିୟର ସଚ୍ଚିଦାନନ୍ଦ ଜେନା ପୁରସ୍କୃତ କରିଥିଲେ । ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର,ଜଗନ୍ନାଥ ବେହେରା, ବିଶ୍ୱଜିତ୍ ଦାସ, ସ୍ୱସ୍ତିକ ପହୀ, ଅନିଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ଜ୍ୟୋତି ପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ।

## ବିଶ୍ୱରେକର୍ଡ କଲେ ଅଷ୍ଟ୍ରେଲିଆ ଅଧିନାୟକ

ସିଡନୀ,୬।୧ : ପ୍ୟାଟ କମିନ୍ସଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ। ୨୦୨୪-୨୫ରେ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା ଏହି ବିଜୟ ସହିତ, ପ୍ୟାଟ କମିନ୍ସ ଇତିହାସ ସୃଷ୍ଟି କରିଛନ୍ତି ଏବଂ ତାଙ୍କ ନାମରେ ଏକ ବଡ଼ ବିଶ୍ ରେକର୍ଡ ସୃଷ୍ଟି ହୋଇଛି। ସିରିଜର ଶେଷ ମ୍ୟାଚ ସିଡନୀରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ। ୬ ଉଇକେଟ ଜିତି ଟ୍ରଫି ୩-୧ରେ ଜିତିଥିଲା।

ଭାରତ ବିପକ୍ଷରେ ଖେଳାଯାଇଥିବା ସିରିଜରେ ସର୍ବାଧିକ ଉଇକେଟ ନେଇଥିବା ପ୍ୟାଟ କମିନ୍ସ ଦ୍ୱିତୀୟ ବୋଲର ହୋଇଥିଲେ ଅଷ୍ଟ୍ରେଲୀୟ ଅଧିନାୟକ ୫ଟି ମ୍ୟାଚରେ ହାରାହାରି ୨୧.୩୬ରେ ୨୫ ଉଇକେଟ ନେଇଥିଲେ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ୨୦୦ ଉଇକେଟ ନେଇଥିବା କମିନ୍ସ ପ୍ରଥମ ବୋଲର ହୋଇଥିଲେ। ସେ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ୨୫ ଉଇକେଟ ନେଇ ଏହି ସଫଳତା ହାସଲ କରିଛନ୍ତି। ସିଡନୀ ଟେଷ୍ଟରେ କମିନ୍ସ ଭାରତର ଦ୍ୱିତୀୟ ଇନିଂସରେ ୩ ଉଇକେଟ ନେଇଥିଲେ। ୱାଶିଂଟନ ସୁନ୍ଦରଙ୍କୁ ଆଉଟ୍ କରି ଅଷ୍ଟ୍ରେଲୀୟ ଅଧିନାୟକ ୨୦୦ ଉଇକେଟ ମାର୍କ ଛୁଇଁଥିଲେ।

ପ୍ୟାଟ କମିନ୍ସ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୬୭ଟି ଟେଷ୍ଟ ଖେଳିଛନ୍ତି ଏହି ମ୍ୟାଚର ୧୨୫ ଇନିଂସରେ ବୋଲିଂ କରୁଥିବାବେଳେ ସେ ୨୯୪ ଉଇକେଟ ନେଇଛନ୍ତି।

### ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସୁପର ଲିଗ୍ ମ୍ୟାଚ୍‌ରେ ଗୋପବନ୍ଧୁ କ୍ରିକେଟ କ୍ଲବ ବିଜୟୀ

କେନ୍ଦ୍ରାପଡ଼ା,୬।୧ : କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ୧୬ତମ ମ୍ୟାଚ୍‌ରେ ଗୋପବନ୍ଧୁ କ୍ରିକେଟ କ୍ଲବ ବିଜୟୀ ହୋଇଛି। ସୋମବାର ଦିନ ଗୋପବନ୍ଧୁ କ୍ରିକେଟ କ୍ଲବ ଓ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଗୋପବନ୍ଧୁ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୦ ଓଭରରେ ୯ ୱିକେଟ୍ ବିନିମୟରେ ୧୯୯ ରନ୍ କରିଥିଲା। ଜବାବରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ୩୬.୩ ଓଭରରେ ୧୦ ୱିକେଟ୍ ବିନିମୟରେ ୧୮୩ରନ୍ କରିଥିଲା। ଫଳରେ ଗୋପବନ୍ଧୁ କ୍ରିକେଟ କ୍ଲବ ୧୬ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଗୋପବନ୍ଧୁ କ୍ରିକେଟ କ୍ଲବର ଗୋବିନ୍ଦ ପଟ୍ଟନାୟକ ୮ଓଭର ବୋଲିଂ କରି ୨୯ରନ ଦେଇ ୩ଟି ୱିକେଟ୍ ନେଇଥିବା ବେଳେ ୬୩ଟି ବଲ୍‌ରେ ୪୮ ରନ୍ ବ୍ୟାଟିଂ କରି ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ । ସେହିପରି ଆକାଶ ଚନ୍ଦ୍ର ନାୟକ ୧୦୪ବଲରେ ୩ଟି ଛକା ଓ ୧୨ଟି ଚୌକାମାରି ୯୩ରନ କରିଥିବାରୁ ବେଷ୍ଟ ବ୍ୟାଷ୍ଟମ୍ୟାନ ଭାବରେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ କ୍ରିକେଟର ଜଗନ୍ନାଥ ସାହୁ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଆନନ୍ଦ ବେହେରା ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦା କାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ।




## ମିଷ୍ଟ୍ରିଗର୍ଲଙ୍କ ପାଇଁ ଚହଲ-ଧନଶ୍ରୀ ମଧ୍ୟରେ ହେବାକୁ ଯାଉଛି ଛାଡପତ୍ର !

ମୁମ୍ବାଇ,୬।୧ :ଦୀର୍ଘ ଦିନ ଧରି ଟିମ ଇଣ୍ଡିଆରୁ ବାଦ୍ ପଡ଼ିଥିବା ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବ୍ୟକ୍ତିଗତ ଜୀବନରେ ସବୁକିଛି ଠିକ ଚାଲିନାହିଁ ତାଙ୍କ ସ୍ତ୍ରୀ ଧନଶ୍ରୀ ଧର୍ମେନ୍ଦ୍ରଙ୍କ ସହ ଚହଲଙ୍କ ସମ୍ପର୍କରେ ମତଭେଦ ଥିବା ଚର୍ଚ୍ଚା ହେଉଛି ।ଉଭୟ ସୋସିଆଲ ମିଡିଆରେ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। କେବଳ ଏତିକି ନୁହେଁ, ଚହଲ ସୋସିଆଲ ମିଡିଆରୁ ଧନଶ୍ରୀଙ୍କ ସହ ଜଡିତ ଫଟୋଗୁଡ଼ିକୁ ମଧ୍ୟ ହଟାଇ ଦେଇଛନ୍ତି ।ସେବେଠାରୁ ସେମାନଙ୍କ ଛାଡପତ୍ରକୁ ନେଇ ଅନେକ ଆଲୋଚନା ହେଉଛି ।ତେବେ ସେମାନଙ୍କ ମଧ୍ୟରୁ କେହି ଏ ବିଷୟରେ କିଛି କହି ନାହାଁନ୍ତି। ଏହି ସମୟରେ ଚହଲଙ୍କୁ ମିଷ୍ଟି ଗର୍ଲ ସହିତ ଦେଖିବାକୁ ମିଳିଛି ଚହଲ କ୍ୟାମେରା ଦେଖିବା ମାତ୍ରେ ମୁହଁ ଲୁଚାଇ ରଖିଥିଲେ। ଚହାଲ ମୁମ୍ବାଇର ଜୁହୁରେ ମିଷ୍ଟି ଗର୍ଲ ସହିତ ନଜର ଆସିଥିଲେ ମିଷ୍ଟିଗର୍ଲଙ୍କ ସହିତ କାରରେ ଚହଲଙ୍କୁ ଦେଖିବାକୁ ମିଳିଥିଲା କ୍ୟାମେରା ଉଭୟଙ୍କୁ କଏଦ କରିବାକୁ ଚେଷ୍ଟା କରିଥିଲେ ସେତେବେଳେ ଭାରତୀୟ କ୍ରିକେଟର ତାଙ୍କ ମୁହଁ ଲୁଚାଇ ରଖିଥିଲେ। ସେବେଠାରୁ ଏହି ମିଷ୍ଟି ଗର୍ଲ ଧନଶ୍ରୀ ଏବଂ ଚହଲଙ୍କ ଛାଡପତ୍ର ଖବରର କାରଣ ବୋଲି ଆଲୋଚନା ହେଉଛି।

# ଆୟର୍ଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୬।୧ : ଜାନୁଆରୀ ୧୦ରୁ ଭାରତୀୟ ମହିଳା ଦଳ ଆୟର୍ଲାଣ୍ଡ ବିପକ୍ଷରେ ଦିନିକିଆ। ସିରିଜ ଖେଳିବ ଭାରତରେ କ୍ରିକେଟ ବୋର୍ଡ ଅଫ କ୍ରିକେଟ ଏହି ସିରିଜ ପାଇଁ ଦଳ ଘୋଷଣା କରିଛି। ହରମାନପ୍ରୀତ କୌର ଏବଂ ରେଣୁକା ସିଂ ଟିମ ଇଣ୍ଡିଆରୁ ବାଦ୍ ଦିଆଯାଇଛି। ସ୍ମୃତି ମନ୍ଧାନାଙ୍କୁ ଏକ ବଡ ଦାୟିତ୍ୱ ଦିଆଯାଇଛି। ଆୟର୍ଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ମନ୍ଧାନା ଟିମ ଇଣ୍ଡିଆର ଅଧିନାୟକ ହେବେ ।ଭାରତ ଏବଂ ଅରୟର୍ଲାଣ୍ଡ ମଧ୍ୟରେ ତିନୋଟି ଦିନିକିଅ। ମ୍ୟାଚ ଖେଳାଯିବ। ଏହି ସମସ୍ତ ମ୍ୟାଚ ରାଜକୋଟରେ ଅନୁଷ୍ଠିତ ହେବ ମନ୍ଧାନା ଭାରତର ଅଧିନାୟକ ହେବେ। ସେ ଜଣେ ଅଭିଜ୍ଞ ଖେଳାଳି ଏବଂ ଅନେକ ଥର ଦୃଢ ପ୍ରଦର୍ଶନ କରିଛନ୍ତି। ଦୀପ୍ତି ଶର୍ମା ଟିମ ଇଣ୍ଡିଆର ଉପ-ଅଧିନାୟକ ହେବେ ଏମାନଙ୍କ ସହିତ ପ୍ରତୀକ ରାୱଲ ଏବଂ ହରଲିନ ଦେଓଲ ମଧ୍ୟ ଟିମ ଇଣ୍ଡିଆରେ ସ୍ଥାନ ପାଇଛନ୍ତି ।ଶକ୍ତିଶାଳୀ ବ୍ୟାଟିଂରେ ହରଲିନ ଜଣେ ପାରଦର୍ଶୀ । ନିକଟରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ହାସଲ କରିଥିଲେ। ଅଭିଜ୍ଞ ଖେଳାଳିଙ୍କ ସହ ଯୁବ ଖେଳାଳିମାନେ ମଧ୍ୟ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି। ଉଇକେଟ କିପର ବ୍ୟାଟ୍ସମ୍ୟାନ ଉମା ଛେତ୍ରୀ, ମିନୁ ମଣି, ପ୍ରିୟା ମିଶ୍ର ଏବଂ ତନୁଜା କନାର ଦଳର ଏକ ଅଂଶ। ଏଥି ସହିତ ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଚା ଘୋଷ, ଜେମିମା ରୋଡ୍ରିଗେଜ ଏବଂ ରାଘବୀ ବିଷ୍ଟ ମଧ୍ୟ ଏକ ସୁଯୋଗ ପାଇଛନ୍ତି ।ଭାରତୀୟ ଦଳ ଯଥେଷ୍ଟ ସନ୍ତୁଳିତ ଦେଖାଯାଉଛି ନିକଟରେ ଦିନିକିଅ। ସିରିଜରେ ୱେଷ୍ଟଇଣ୍ଡିଜକୁ ୩-୦ରେ ପରାସ୍ତ କରିଛି ଟିମ ଇଣ୍ଡିଆ। ଅଧିନାୟକ ହରମାନପ୍ରୀତ କୌର ଏବଂ ରେଣୁକା ସିଂଙ୍କୁ ବିଶ୍ରାମ ଦେଇଛି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର